# ଜମାଅତର ନିର୍ବାଚନ ବିଧି ବ୍ୟବସ୍ଥା

ପ୍ରକାଶକ
**ନଜାରତ୍ ଉଲିୟା, ସଦର ଅଞ୍ଜୁମନ ଅହମଦୀୟା କାଦିୟାନ୍**
(କେନ୍ଦ୍ରୀୟ ନିର୍ଦ୍ଦେଶାଳୟ, ଅହମଦୀୟା ମୁଖ୍ୟ ପ୍ରଶାସନ ଅଧ୍ୟକ୍ଷ)
**2019**

# Qwaide Jama'atee Intekhabat
# ଜମାଅତର ନିର୍ବାଚନ ବିଧି ବ୍ୟବସ୍ଥା

Translated by : Er. Roushan Khan,
Chairman, Review Committe Odisha

Year of Publication : March, 2019 (500 Copies)

Published by : Nazarat Ulia, Sadr Anjuman Ahmadiyya,
Qadian - 143516, Dist. Gurdaspur,
Punjab.

Printed at : Fazle Umar Printing Press,
Qadian-143516, Dist. Gurudaspur,
Punjab.

# ପଦେ କଥା

ଯେପରି ଆପଣମାନଙ୍କୁ ଜଣାଅଛି ଯେ ଜମାଅତର ନିର୍ବାଚିତ ସଭ୍ୟମାନଙ୍କ କାର୍ଯ୍ୟକାଳ ୨୦୧୯ ମସିହା ମାର୍ଚ୍ଚ ମାସ ୩୧ ତାରିଖ ଦିନ ଶେଷ ହେଉଛି । ତେଣୁ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ନିଜ ଆର୍ଥିକ ଚନ୍ଦାର ସମସ୍ତ ହିସାବ ତୁଟାଇ ଦେଇ ନୂତନ କର୍ମକର୍ତ୍ତାଙ୍କ ବିଧିବଦ୍ଧ ଭାବେ ନିର୍ବାଚନ କରି ମରକଜ୍‌କୁ ପଠାଇ ଦିଅନ୍ତୁ । ଯାହା ଫଳରେ ଅପ୍ରେଲ ମାସ ସୁଦ୍ଧା ନବ ନିର୍ବାଚିତ ସଭ୍ୟମାନଙ୍କର ଅନୁମୋଦନ ହାସଲ କରାଯାଇ ପାରିବ ଏବଂ ଏହି ନୂତନ ତଥା ପୁରାତନ ପଦାଧିକାରୀମାନଙ୍କ ମଧ୍ୟରେ କାର୍ଯ୍ୟଭାର ହସ୍ତାନ୍ତର କରିବା କାର୍ଯ୍ୟ ସୂଚାରୁ ରୂପେ ସମ୍ପନ୍ନ କରାଯାଇ ପାରିବ । ଏହି କର୍ମକର୍ତ୍ତାମାନଙ୍କ କାର୍ଯ୍ୟ ଅବଧି ଅପ୍ରେଲ ମାସ ୨୦୧୯ ଠାରୁ ମାର୍ଚ୍ଚ ମାସ ୨୦୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ନାଜର ଆଲା କାଦିୟାନ୍

# ସ୍ଥାନୀୟ ଜମାଅତଗୁଡିକ ପାଇଁ ନିର୍ଦ୍ଦେଶିତ ନିୟମ

ମନେ ରଖିବାକୁ ହେବ ଯେ ଯେଉଁ ସ୍ଥାନରେ ତିନି ଜଣ ବା ତଦୁର୍ଦ୍ଧ୍ୱ ନିୟମିତ ଚନ୍ଦା ଦେଉଥିବା ଅହମଦି ବାସ କରୁଥିବେ, ସେଠାରେ ବିଧିବଦ୍ଧ ଭାବେ ଏକ ଜମାଅତ ପ୍ରତିଷ୍ଠା କରିବା ଜରୁରୀ।

ଯଦି ସେଠାକାର ସଭ୍ୟ ସଂଖ୍ୟା ଦଶଜଣରୁ କମ୍ ଥିବ, ତଥାପି ସେଠାରେ ଜଣେ ସଦର୍ ଓ ଜଣେ ସେକ୍ରେଟାରୀ ମାଆଲ୍(ଅର୍ଥ ସଂପାଦକ) ନିଯୁକ୍ତ କରାଯିବା ଉଚିତ।

ଏହି ପଦାଧିକାରୀମାନେ ନିର୍ବାଚନ ବିଧି ପ୍ରକ୍ରିୟାରେ ନିଯୁକ୍ତ ହେବା ଉଚିତ । କିନ୍ତୁ ସେମାନଙ୍କ ସଂଖ୍ୟା କମ୍ ଥିଲେ ସେଠାକାର ଜମାଅତ ପାଇଁ ସଦର୍ ଓ ସେକ୍ରେଟାରୀ ମାଆଲ୍ଙ୍କ ମନୋନୟନ ସକାଶେ ସୁପାରିଶ କରାଯାଇପାରିବ।

## ପଦାଧିକାରୀମାନଙ୍କ ନିର୍ବାଚନ ସମିତି ପାଇଁ ନିୟମ

ଏହି ପ୍ରକ୍ରିୟାକୁ ସ୍ପଷ୍ଟ କରିବାକୁ ଯାଇ ସ୍ଥାନୀୟ ଜମାଅତ ସମ୍ବନ୍ଧରେ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ୍ଙ୍କ ଦ୍ୱାରା ପ୍ରସ୍ତୁତ ନିୟମ ଓ ଆଚରଣ ବିଧି ନିମ୍ନରେ ଉଲ୍ଲେଖ କରାଯାଉଛି।

**ବିଧି ନଂ ୨୯୦:** ଜମାଅତର ସାଂଗଠନିକ ନିୟମ ଅନୁସାରେ ଯଦି କୌଣସି ସ୍ଥାନରେ ଅହମଦୀୟା ସମ୍ପ୍ରଦାୟର କିଛି ସଭ୍ୟ ରହୁଛନ୍ତି, ତା'ହେଲେ ସେଠାରେ ନାଜିର ଆ'ଲା କାଦିୟାନ୍ (ସର୍ବଭାରତୀୟ ପ୍ରଶାସନ ନିର୍ଦ୍ଦେଶକ)ଙ୍କ ଠାରୁ ଅନୁମତି ନେଇ ସେହି ସ୍ଥାନରେ ସାବାଳକ ସଭ୍ୟଙ୍କୁ ନେଇ ଶାଖା ଜମାଅତ୍ ଗଠନ କରାଯାଇ ପାରିବ ।

**ବିଧି ନଂ ୨୯୧:** ଏହି ସ୍ଥାନୀୟ ଶାଖା ଜମାଅତ ଯେଉଁଗୁଡିକ ସଂପ୍ରଦାୟର ଆନୁଷ୍ଠାନିକ କାର୍ଯ୍ୟ ତୁଲାଇବା ପାଇଁ ବିଭିନ୍ନ ଜାଗାରେ ଗଠନ କରାଯାଇପାରିବ, ସେମାନେ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ୍, ବିଭାଗୀୟ ସଚିବ ଓ ଉଚ୍ଚାଧିକାରୀମାନଙ୍କ ତତ୍ତ୍ୱାବଧାନରେ ଓ ନିର୍ଦ୍ଦେଶ ଅନୁସାରେ ପରିଚାଳିତ ହେବେ । ଏଥି ପାଇଁ ସେସବୁ ଜମାଅତଗୁଡିକୁ ସଦର

ଅଞ୍ଜୁମନ ଅହମଦୀୟା ପକ୍ଷରୁ ପ୍ରମାଣ ପତ୍ର ଯୋଗାଇ ଦିଆଯିବ ଯେ ସେମାନେ ସଦର ଅଞ୍ଜୁମନ ଅହମଦୀୟାର ଶାଖା ଜମାଅତ ରୂପେ ଅନ୍ତର୍ଭୁକ୍ତ ହୋଇଛନ୍ତି ।

**ବିଧି ନଂ ୨୯୨ :** ପ୍ରତ୍ୟେକ ସ୍ଥାନୀୟ ଜମାଅତର ଦାୟିତ୍ୱ ହେବ ଯେ ସେମାନେ ସେହି ଶାଖାର ସମସ୍ତ ପୁରୁଷ, ମହିଳା ଓ ଶିଶୁମାନଙ୍କ ନାମ ତାଲିକା ତଥା ସେମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ରେଜିଷ୍ଟ୍ରିଭୁକ୍ତ କରିବେ ।

**ବିଧି ନଂ ୨୯୩:** ଜମାଅତରେ ରହିଥିବା ବ୍ୟବସ୍ଥା କିମ୍ବା ଅମିର୍ ସ୍ତରୀୟ ଦାୟିତ୍ୱ ସହିତ ଯେଉଁମାନେ ଜଡିତ ରହିଥିବେ, ସେମାନଙ୍କ ମଧ୍ୟରେ ସ୍ଥାନୀୟ ଜମାଅତର ସଭ୍ୟଙ୍କୁ ସେଠାକାର ଶାଖା ସ୍ତରୀୟ ଅମିର / ସଦରଙ୍କ ଆଜ୍ଞା ପାଳନ କରିବା ମଧ୍ୟ ଜରୁରୀ ।

**ବିଧି ନଂ ୨୯୬:** ଏହା ଉଚିତ୍ ହେବ ଯେ ଏକରୁ ଅଧିକ ଜାଗାରେ ଶାଖା ଜମାଅତଗୁଡିକୁ ମିଶାଇ ହଲ୍‌କା (ମଣ୍ଡଳ), ଜିଲ୍ଲା, ଆଞ୍ଚଳିକ, ରାଜ୍ୟ କିମ୍ବା ରାଷ୍ଟ୍ରୀୟ ସ୍ତରରେ ଅଞ୍ଜୁମନର ବ୍ୟବସ୍ଥା ଗଠନ କରାଯିବ । ଏପରି ସ୍ଥଳେ ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ସଂଗଠନ ତାହାର ଉପର ସ୍ତରର ସଂଗଠନର ଅଧୀନରେ ରହିବ ଏବଂ ଏହି ସବୁ ସ୍ତରର ସଂଗଠନ ସାମୁହିକ ଭାବେ କେନ୍ଦ୍ରୀୟ ସାଂଗଠନିକ ବ୍ୟବସ୍ଥାର ପରିସରଭୁକ୍ତ ହେବେ ।

**ବିଧି ନଂ ୨୯୯ :** ପ୍ରତ୍ୟେକ ସ୍ଥାନୀୟ ଶାଖା ପାଇଁ ଏହା ଜୁରରୀ ହେବ ଯେ ନିଜ କାମଗୁଡ଼ିକ ସମ୍ପୃକ୍ତ ବିଭାଗର ଅଗ୍ରଗତି ଭିତ୍ତିରେ କେନ୍ଦ୍ରରେ ଥିବା ସେହି ବିଭାଗକୁ ନିଜର ବାର୍ଷିକ ବିବରଣୀ ପଠାଇବେ । ସେହିପରି କେନ୍ଦ୍ର ଆବଶ୍ୟକ କରୁଥିବା ତଥ୍ୟ ଅନୁସାରେ ବର୍ଷ ଯାକରେ ଯାହା କାମ ହୋଇଥିବ, ତାହାର ବିବରଣୀ ମଧ୍ୟ ପଠାଇବାକୁ ହେବ । ମୁଖ୍ୟ ନିର୍ଦ୍ଦେଶାଳୟ ତରଫରୁ ନିର୍ଦ୍ଧାରିତ କାର୍ଯ୍ୟକାରିଣୀ ଫର୍ମରେ ନିୟମିତ ଭାବେ ସେହିସବୁ ବିବରଣୀ ପଠାଇବା ଜରୁରୀ ।

**ବିଧି ନଂ ୩୦୦:** ପ୍ରତ୍ୟେକ ସ୍ଥାନୀୟ ଶାଖାଠାରୁ ଏହା ଆଶା କରାଯାଉଛି ଯେ ସେ ନିଜ ସ୍ଥାନରେ ଏକ ମସ୍‌ଜିଦ୍ ଓ ଗୋଟିଏ ପାଠଗାରର ବ୍ୟବସ୍ଥା କରନ୍ତୁ । ଯେଉଁଠାରେ ମସଜିଦ୍ ନଥିବ, ସେପରି ସ୍ଥଳେ ସେହି ଜମାଅତର କର୍ତ୍ତବ୍ୟ ହେଉଛି ଯେ ସେମାନେ ଏପରି ଏକ ଜାଗା ନିରୂପଣ

କରନ୍ତୁ, ଯେଉଁଠାରେ ଜମାଅତର ଲୋକମାନେ ସାମୁହିକ ନମାଜ ତଥା ସଭା ସମିତି ଡକାଇ ଏକତ୍ରିତ ହୋଇପାରିବେ ।

**ବିଧି ନଂ ୩୦୩:** ପ୍ରତ୍ୟେକ ସ୍ଥାନୀୟ ଜମାଅତର କର୍ତ୍ତବ୍ୟ ହେଉଛି ମରକଜ୍‌ରୁ ଯଦି କୌଣସି ନାଜର୍ ବା ଉଚ୍ଚ ପଦସ୍ଥ କର୍ମଚାରୀ କେବେ ସେଠାକୁ ଗସ୍ତ କରନ୍ତି, ତେବେ ତାଙ୍କୁ ଖଲିଫତୁଲ ମସିହଙ୍କ ପ୍ରତିନିଧି ରୂପେ ମାନ୍ୟତା ଦେଇ ଆତିଥ୍ୟ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ ।

## ନିର୍ବାଚନ ବ୍ୟବସ୍ଥା:

**ବିଧି ନଂ ୩୦୪:** ପ୍ରତ୍ୟେକ ସ୍ଥାନୀୟ ଜମାଅତ ସକାଶେ ଏହା ଜରୁରୀ ହେବ ଯେ ସଦର୍ ଅଞ୍ଜୁମନ ଅହମଦୀୟା ଅଧିନସ୍ଥ ବିଭିନ୍ନ ବିଭାଗର କାର୍ଯ୍ୟ କଣ ହେବ ଓ ଏହାର ଉଦ୍ଦେଶ୍ୟ କଣ ସେଥିପାଇଁ ଶାଖା ସ୍ତରରେ ବିଭିନ୍ନ କର୍ମକର୍ତ୍ତା ନିଯୁକ୍ତ କରିବେ । ସେମାନେ କେନ୍ଦ୍ରୀୟ ବିଭାଗ ଗୁଡିକର ନିର୍ଦ୍ଦେଶ ଅନୁସାରେ ନିଜ ନିଜର ବିଭାଗ ସମ୍ବନ୍ଧରେ ଅମିର/ସଦରଙ୍କ ଅଧୀନରେ କାର୍ଯ୍ୟ କରିବେ । ସବୁ ପ୍ରକାର  ଜରୁରୀ ତଥ୍ୟ ରେକର୍ଡ଼ ସାଇତି ରଖିବେ । ଏହିସବୁ କର୍ମକର୍ତ୍ତା ସ୍ଥାନୀୟ ଜମାଅତର ସାଧାରଣ ସଭା ଦ୍ୱାରା ନିର୍ବାଚିତ ହେବେ । କାମର ଗୁରୁତ୍ୱ ଦୃଷ୍ଟିରୁ ଜଣେ ବ୍ୟକ୍ତିଙ୍କୁ ଏକାଧିକ ପଦବୀ ଦିଆଯାଇପାରେ । (ଏହି ଅନୁମତୀ କେବଳ ଜରୁରୀ କାଳୀନ ପରିସ୍ଥିତି ନିମନ୍ତେ ଅଟେ)

**ବିଧି ନଂ ୩୦୬:** ସ୍ଥାନୀୟ ଜମାଅତ ନିଜ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ସକାଶେ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରିବେ । ଯାହାର ନାମ 'ମଜଲିସ୍ ଆମିଲା' ହେବ ଏବଂ ଏହା ସ୍ଥାନୀୟ ଅମୀର କିମ୍ବା ସଦର(ସଭାପତି)ଙ୍କ ଅଧୀନରେ କାର୍ଯ୍ୟ କରିବ ।

**ବିଧି ନଂ ୩୦୭:** ସ୍ଥାନୀୟ ଜମାଅତର କାର୍ଯ୍ୟକାରିଣୀ କମିଟି (ମଜଲିସ୍ ଆମିଲା)ର ସଭ୍ୟ ଭାବେ ନିମ୍ନଲିଖିତ ପଦାଧିକାରୀମାନଙ୍କୁ ଚୟନ କରାଯିବ ।

ଅମିର / ସଦର, ନାଏବ ଅମିର / ନାଏବ ସଦର, ଜେନେରାଲ ସେକ୍ରେଟାରୀ (ସାଧାରଣ ସମ୍ପାଦକ), ସେକ୍ରେଟାରୀ ଇସ୍‌ଲାହ୍ ଓ

ଇର୍‌ଶାଦ୍(ସଂସ୍କାର ଓ ସଞ୍ଚାଳନ) ଆଡ଼ିସନାଲ୍ ସେକ୍ରେଟାରୀ ଇସଲାହ ଇର୍‌ଶାଦ (ନବଦୀକ୍ଷିତ ଅହମଦୀମାନଙ୍କ ସଂସ୍କାର ଓ ଶିକ୍ଷାଦୀକ୍ଷା) ସେକ୍ରେଟରୀ ତାଆଲିମୁଲ୍ କୁରଆନ୍ ଓ ଓ୍ୱକ୍‌ଫେ ଆର୍‌ଜୀ (କୁରଆନ୍ ଶିକ୍ଷା ଓ ଅସ୍ଥାୟୀ ସେବା), ସେକ୍ରେଟାରୀ ଦାଓ୍ୱତ୍ ଇଲଲ୍ଲାଃ (ଅଲ୍ଲାଃଙ୍କ ପ୍ରତି ଆହ୍ୱାନ), ସେକ୍ରେଟାରି ଉମୁର୍ ଆମା (ସାଧାରଣ ପ୍ରଶାସନ), ସେକ୍ରେଟାରୀ ଅମୁର ଖାରିଜା (ବହିଃବ୍ୟାପାର), ସେକ୍ରେଟାରୀ ମାଆଲ (ଅର୍ଥ), ସେକ୍ରେଟାରୀ ଓସାୟା (ଇଚ୍ଛାପତ୍ର), ସେକ୍ରେଟାରୀ ଜିୟାଫତ୍ (ଖାଦ୍ୟପେୟ ଓ ଆତିଥ୍ୟ), ସେକ୍ରେଟାରୀ ଯାଏଦାଦ୍ (ସମ୍ପତ୍ତି ରକ୍ଷା), ସେକ୍ରେଟାରୀ ତସ୍‌ନିଫ୍ ଓ ଇଶାଅତ୍ (ଲିଖନ ଓ ପ୍ରକାଶନ), ଆଡ଼ିସନାଲ ସେକ୍ରେଟାରୀ ତସ୍‌ନିଫ୍ ଓ ଇଶାଅତ (ଦୃଶ୍ୟ ଓ ଶ୍ରାବ୍ୟ), ସେକ୍ରେଟାରୀ ଜରାଅତ୍ (ଋଷବାସ), ସେକ୍ରେଟାରୀ ସନତ ଓ ତିଜାରତ୍ (ହସ୍ତଶିଳ୍ପ ଓ ବ୍ୟବସାୟ), ସେକ୍ରେଟାରୀ ତହେରିକ୍ ଯଦିଦ୍ (ନବୀନ ପ୍ରଗତି ଧାରା ଯୋଜନା), ସେକ୍ରେଟାରୀ ଓ୍ୱକ୍‌ଫେ ଯଦିଦ୍(ନୂତନ ଧନ ତ୍ୟାଗ ଯୋଜନା), ଆଡିସ୍‌ନାଲ୍ ସେକ୍ରେଟାରୀ ଓ୍ୱାକ୍‌ଫେ ଯଦିଦ୍ (ନବଦୀକ୍ଷିତ), ସେକ୍ରେଟାରୀ ଓ୍ୱକ୍‌ଫେ ନୌ (ସନ୍ତାନ ଉତ୍ସର୍ଗ), ସେକ୍ରେଟାରୀ ରିସ୍ତାନାତା (ବିବାହ ଘଟସୂତ୍ର), ଅଡ଼ିଟର, ଇମାମୁସ୍ ସଲାଆତ୍(ନମାଜ ପରିଚାଳକ), ଜଇମ୍/ଜଇମ୍ ଆଲା' ମଜଲିସ୍ ଅନ୍‌ସାରୁଲାଃ (ପ୍ରୌଢ ସଭା ମୁଖ୍ୟ), କାଏଦ୍ ମଜଲିସ୍ ଖୁଦ୍ଦାମୁଲ୍ ଅହମଦୀୟା (ଯୁବ ସଂଗଠନ ମୁଖ୍ୟ), ମୁରବ୍‌ବି (ପ୍ରଚାରକ) ଇତ୍ୟାଦି ।

**ଟିପ୍ପଣୀ (୧)** କୌଣସି ଏକ ସ୍ଥାନୀୟ ଅଞ୍ଜୁମନ୍‌ରେ ଯଦି ସହାୟକ ସଂଗଠନ (ଜେଲି ତନ୍‌ଜିମ୍)ଗୁଡିକର ଜଇମ୍ କିମ୍ବା ଜଇମ୍ ଆ'ଲା-ଅନ୍‌ସାରୁଲାଃ (ପ୍ରୌଢ ସଂଗଠନର ମୁଖ୍ୟ ସଭାପତି) ଏବଂ ମଜ୍‌ଲିସ୍ ଖୁଦ୍ଦାମୁଲ ଅହମଦୀୟା କାଏଦ (ଯୁବ ସଂଗଠନର ମୁଖ୍ୟ) ଦୁଇ ବା ତତୋଧିକ ହୋଇଥାନ୍ତି, ତେବେ ସେଥିପାଇଁ ସମ୍ପୃକ୍ତ ସହାୟକ ସଂଗଠନର ସଦର୍ ଜଣେ ପ୍ରତିନିଧିଙ୍କୁ ସ୍ଥାନୀୟ ମଜଲିସ୍ ଆମିଲା (କାର୍ଯ୍ୟକାରିଣୀ ସଭା) ପାଇଁ ମୁତୟନ କରିବେ ।

**(୨)** ଯଦି ସ୍ଥାନୀୟ ଜମାଅତରେ ପ୍ରରୁର ମୁଖିଆ ଦୁଇ ବା ଦୁଇ ଜଣରୁ ଅଧିକ ରହିଥିବେ, ତେବେ ନାଜର୍ ଆ'ଲା ମଜଲିସ୍ ଆମଲା ସକାଶେ ଜଣେ ପ୍ରତିନିଧି ନିଯୁକ୍ତ କରିବେ।

**(୩)** ଅମିର / ସଦର କୌଣସି ପରାମର୍ଶ ଗ୍ରହଣ କରିବା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ ମଜଲିସ୍ ଆମିଲାର ବୈଠକକୁ ଆମନ୍ତ୍ରଣ କରିପାରିବେ। କିନ୍ତୁ ସେହି ବ୍ୟକ୍ତି ଭୋଟ ଦେଇପାରିବେ ନାହିଁ।

**(୪)** ସେକ୍ରେଟାରୀ ଓସାୟା ପାଇଁ ନିର୍ବାଚିତ ହେଉଥିବା ବ୍ୟକ୍ତି ଜଣକ 'ମୁସି' (ଇଚ୍ଛାପତ୍ରଧାରୀ) ହେବା ଅନିବାର୍ଯ୍ୟ।

**(୫)** ପ୍ରତ୍ୟେକ କାର୍ଯ୍ୟକାଳର ଆରମ୍ଭରେ ସମସ୍ତ ଅମିର ଜିଲ୍ଲା, ସ୍ଥାନୀୟ ଅମିର ଏବଂ ସଦର ଜମାଅତର ନାଏବ ନିଶ୍ଚିତ ରୂପେ ଚୟନ କରିବେ ଯଦ୍ୱାରା ଜମାଅତର କାର୍ଯ୍ୟରେ ତିବ୍ରତା ଓ ସୁଧାର ଆସିବ। ଏହି ନାଏବିନ୍ ଅତି କମ୍‌ରେ ଜଣେ ବା (ଆବଶ୍ୟକ ସ୍ଥଳେ) ଦୁଇ ଜଣ ଚୟନ କରାଯାଇ ପାରିବ। (**ଦ୍ରଷ୍ଟବ୍ୟ**: WTT-3497/30-8-18)

**ବିଧି ନଂ ୩୦୮ :** ଅମିର ଏବଂ ସମସ୍ତ ପଦାଧିକାରୀ କର୍ମକର୍ତ୍ତାଙ୍କ ଚୟନ ତିନିବର୍ଷ ପାଇଁ କରାଯିବ। କିନ୍ତୁ ବିଶେଷ ପରିସ୍ଥିତିରେ ମର୍କଜ୍‌ର ଅନୁମତି କ୍ରମେ ମଝିରେ ଏଥିରେ ଅଦଳ ବଦଳ କରାଯାଇପାରିବ। କିନ୍ତୁ ହୋଇଥିବା ନିର୍ବାଚନ ପ୍ରକ୍ରିୟା କିମ୍ବା ନିଯୁକ୍ତି ପ୍ରକ୍ରିୟା ଅବଶିଷ୍ଟ ସମୟ ପାଇଁ ବଳବତ୍ତର ରହିବ।

**ବିଧି ନଂ ୩୦୮-A :** ସୟଦନା ହଜରତ ଖଲିଫତୁଲ୍ ମସିହ୍ ପଞ୍ଚମଙ୍କ ନିର୍ଦ୍ଦେଶ ମୁତାବକ-

ଆଗାମି ଦିନରେ ସଦର ଓ ସ୍ଥାନୀୟ ଅମିର ଦୁଇ ଥରରୁ ଅଧିକ ନିବାର୍ଚିତ ହୋଇପାରିବେ ନାହିଁ କିନ୍ତୁ ଏହି ନିୟମ ଅନ୍ୟ କର୍ମକର୍ତା ଓ ଜିଲ୍ଲାଇ ଅମିରଙ୍କ ପାଇଁ ଲାଗୁ ହେବ ନାହିଁ।

ଅତଃ ଯେଉଁ ସଦର ଓ ସ୍ଥାନୀୟ ଅମିର କ୍ରମାନ୍ୱୟରେ ୨୦୧୩ ମସିହାରୁ ସଦର ଓ ସ୍ଥନୀୟ ଅମିର ଭାବରେ ସେବା କରିଆସୁଛନ୍ତି। ୨୦୧୯ ମସିହାର ନିର୍ବାଚନରେ ସେମାନଙ୍କ ନାମାଙ୍କନ ହେବ ନାହିଁ।

**ବିଧି ନଂ ୩୦୯:** ଜମାଅତର ସୁଧାର ଦୃଷ୍ଟିକୋଣରୁ ନିର୍ବାଚିତ ହୋଇଥିବା ପଦାଧିକାରୀ ଯଥା; ସ୍ଥାନୀୟ ଅମିର, ହଲ୍‌କାର ଅମିର, ଜିଲ୍ଲାଇ ଅମିର, ଇଲାକାୟୀ ଅମିର, ସୁବାଇ ଅମିର କିମ୍ବା ରାଷ୍ଟ୍ରୀୟ ଅମିରମାନଙ୍କୁ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ କୌଣସି କାରଣ ନ ଦର୍ଶାଇ ତାଙ୍କ ପଦବୀରୁ ହଟାଇ ଦିଆଯାଇ ପାରିବ । ଏବଂ ଏହାର ମଞ୍ଜୁରୀ ଖଲିଫତୁଲ ମସିହଙ୍କ ଠାରୁ ନେବାକୁ ପଡ଼ିବ । କିନ୍ତୁ ସ୍ଥାନୀୟ ଜମାଅତ ବା ସଭ୍ୟମାନଙ୍କୁ ଏଥିପାଇଁ କୌଣସି ପ୍ରକାର ପରାମର୍ଶ ଦେବା ତଥା ତାଙ୍କୁ ସଭ୍ୟ ପଦରୁ ହଟାଇ ଦିଆଯିବା ପ୍ରସଙ୍ଗରେ ଆପତ୍ତି ଉଠାଇବାର ଅନୁମତି ଦିଆଯିବ ନାହିଁ ।

**ବିଧି ନଂ ୩୧୦:** ସଦର ଅଞ୍ଜୁମନ ଅହମଦୀୟାର ବିଭିନ୍ନ ବିଭାଗୀୟ ସଚିବ, ଉପସଚିବ ତଥା ବରିଷ୍ଠ ଅଧିକାରୀମାନେ ସେହପରି ତେହରିକ୍ ଯଦିଦ୍‌ର ଓକିଲ୍ (ଆଇନ ପରାମର୍ଶ ଦାତା), ନାଏବ ଓକିଲ ତଥା ବିଭାଗୀୟ ଅଧିକାରୀ ଏବଂ ଓ୍ୱକ୍‌ଫେ ଯଦିଦ୍‌ର ନାଜିମ୍ (ପରିଚାଳକ) ତଥା ନାଏବ ନାଜିମ୍ କୌଣସି ସ୍ଥାନୀୟ ଜମାଅତର କର୍ମକର୍ତ୍ତା ଭାବରେ ନିର୍ବାଚିତ ହୋଇପାରିବେ ନାହିଁ । ସେହିପରି କାଜି (ବିଚାରପତି) ମଧ୍ୟ ଅନ୍ୟ କୌଣସି ପଦବୀ ପାଇଁ ନିର୍ବାଚନରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

**ବିଧି ନଂ ୩୧୧:** (କ) ସ୍ଥାନୀୟ ଜମାଅତ୍‌ର ସଭ୍ୟ ଯେଉଁମାନେ ନିୟମିତ ରୂପେ ସେଠାରେ ଚାନ୍ଦା ଦେଉଛନ୍ତି, ସେମାନଙ୍କ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ସେଠାକାର ସ୍ଥାନୀୟ ସଦର (ସଭାପତି) ଏବଂ ଅନ୍ୟାନ୍ୟ ସେକ୍ରେଟାରୀ ପଦ ପାଇଁ ନିର୍ବାଚନ କରା ଯାଇଥାଏ ।

(ଖ) ଭୋଟ ଦାନର କୋରମ୍ ହେବା ସକାଶେ ଉପସ୍ଥିତ ସଭ୍ୟମାନଙ୍କ ସଂଖ୍ୟା ଅତି କମ୍‌ରେ ସମୁଦାୟ ଭୋଟର ସଂଖ୍ୟାର ଅର୍ଦ୍ଧେକ ହେବା ବାଞ୍ଛନୀୟ । କିନ୍ତୁ ପ୍ରଥମ ଭୋଟ ସଭାରେ ନୋଟିସ୍ କରାଯାଇଥିବା ସତ୍ତ୍ୱେ ଯଦି କୋରମ୍‌ର ଅଭାବ ହେଲା, ତା' ହେଲେ ଦ୍ୱିତୀୟ ଥର ଡ଼କା ଯାଇଥିବା ସଭାରେ ଉପସ୍ଥିତ ସଭ୍ୟ ସଂଖ୍ୟା ଅନ୍ତତଃ ପକ୍ଷେ ଏକ ତୃତୀୟାଂଶ ହେବ ।

**ବିଧି ନଂ ୩୧୩:** ବର୍ଷର ଆର୍ଥିକ ବଜେଟର ସମୁଦାୟ ସଭ୍ୟ ସଂଖ୍ୟା ମଧ୍ୟରୁ ମହିଳା ଓ ପାଠ ପଢୁଥିବା ପିଲାମାନଙ୍କୁ ବାଦ୍ ଦେଲା ପରେ ବାକି ଯାହା ରହିଲେ, ସେଥିରେ ଚନ୍ଦା ବାକିଥିବା ସଭ୍ୟଙ୍କୁ ମିଶାଇ ବାହାରୁଥିବା ମୋଟ ଭୋଟର୍ ସଂଖ୍ୟା ଉପରେ ଉପସ୍ଥିତ ସଭ୍ୟଙ୍କ କୋରମ୍ ଧାର୍ଯ୍ୟ କରାଯାଏ ।

**ବିଧି ନଂ ୩୧୪:** ଅମିରମାନଙ୍କ ନିର୍ବାଚନରେ ଭାଗ ନେବାପାଇଁ ନିୟମାନୁସାରେ ବିବେଚିତ ହେଉଥିବା ପ୍ରତ୍ୟେକ ସଦସ୍ୟମାନଙ୍କ ନିକଟକୁ ନିର୍ବାଚନ ସମ୍ପର୍କରେ ଏକ ଲିଖିତ ନୋଟିସ ୧୫ଦିନ ପୂର୍ବରୁ ପଠାଇବା ଉଚିତ । ସେଥିରେ ଅମିର ନିର୍ବାଚିତ ପାଇଁ ତାରିଖ, ସମୟ ଓ ସ୍ଥାନ ଇତ୍ୟାଦି ସ୍ଥିରୀକୃତ ହୋଇଥିବା ବିଷୟ ଜଣାଇବାକୁ ହେବ । ସେହି ନୋଟିସ୍ ମିଳିଥିବା ବ୍ୟକ୍ତି ନିଜ ସ୍ୱାକ୍ଷର ସହିତ ଅବଗତ କରାଇବାକୁ ହେବ । ସେହି ନିର୍ବାଚନ ହେଉଥିବା ସଭାରେ ଯଦି କୌଣସି ବ୍ୟକ୍ତି କୌଣସି ଉପଯୁକ୍ତ କାରଣ ନଦର୍ଶାଇ ଏବଂ ପୂର୍ବରୁ ନଜଣାଇ ଅନୁପସ୍ଥିତ ରହିବେ, ତା'ହେଲେ ସେହି କାର୍ଯ୍ୟକୁ କୈଫିୟତ୍ ଯୋଗ୍ୟ ଦୋଷ ବୋଲି ଧରାଯିବ । ସେଥିଯୋଗୁଁ ଯଦି କୌଣସି ସଭ୍ୟ ଯଥାର୍ଥ କାରଣ ବିନା ସେହି ଲିଖିତ ନୋଟିସ୍ ପାଇଥିଲେ ସୁଦ୍ଧା ଅନୁପସ୍ଥିତ ତା'ହେଲେ ତା'ନାମରେ ଅଭିଯୋଗ କରାଯାଇ ଏହାର ରିପୋର୍ଟ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ପଠାଯିବ ।

**ବିଧି ନଂ ୩୧୭:** ପ୍ରତ୍ୟେକ ପଦବୀର ଗୁରୁତ୍ୱକୁ ଉପଲବ୍ଧି କରିବା ଓ ଏହାର ଦାୟିତ୍ୱବୋଧ ପ୍ରତି ସଚେତନତା ସୃଷ୍ଟି କରିବା ଆବଶ୍ୟକ । ପରିସ୍ଥିତିକୁ ଆଖି ଆଗରେ ରଖି ସେହି ପଦବୀ ପାଇଁ ଯୋଗ୍ୟତା ଓ ସାମର୍ଥ୍ୟ ରଖୁଥିବା ପ୍ରାର୍ଥୀକୁ ବାଛିବା ଉଚିତ୍ । କୌଣସି ଅଳସୁଆ, ଅସାଧୁ ବା ଅଯୋଗ୍ୟ କିମ୍ବା ନିର୍ମଳ ଭାବମୂର୍ତ୍ତି ରଖି ନଥିବା ବ୍ୟକ୍ତିଙ୍କୁ ଭୋଟ ଦେବା ଆଦୌ ଉଚିତ ନୁହେଁ ।

**ବିଧି ନଂ ୩୧୮:** ନିର୍ବାଚନ ହେଉଥିବା ସମୟରେ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ ସେପରି ନିତ୍ୟାନ୍ତ ଜରୁରୀ ନଥିଲେ ଜଣେ ବ୍ୟକ୍ତିଙ୍କୁ ଏକାଧିକ ପଦବୀରେ ବସାଇ କାର୍ଯ୍ୟଭାର ଦେବା ଉଚିତ୍ ହେବ ନାହିଁ । ଯାହା ଫଳରେ ଜଣେ ବ୍ୟକ୍ତି ନିଜ ସାମର୍ଥ୍ୟ ଠାରୁ ଅଧିକ ଗୁରୁଦାୟିତ୍ୱ

ବହନ କରିବା ଦ୍ୱାରା ଜମାଅତ ବିକାଶର ଧାରା ବ୍ୟାହତ ହେବ ଓ ଅନେକ ପରିଚ୍ଛଳନାଗତ ଦୋଷ ତ୍ରୁଟି ଦେଖାଦେବ । ସେଥିପାଇଁ ଅଧିକରୁ ଅଧିକ ବ୍ୟକ୍ତିଙ୍କୁ ସୁଯୋଗ ଦିଆଗଲେ କାମ କରିବା ପାଇଁ ପ୍ରଶିକ୍ଷଣ ପାଇବା ସହିତ ସେମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହେବ ।

**ବିଧି ନଂ ୩୧୯ :** କେବଳ ନିମ୍ନଲିଖିତ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ନିର୍ବାଚିତ ନାମ ତାଲିକା ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଅନୁମୋଦନ ପାଇଁ ଆସିବା ଉଚିତ ।

ଅମିର / ସଦର, ନାଏବ ଅମିର / ନାଏବ ସଦର, ଜେନେରାଲ ସେକ୍ରେଟାରୀ(ସାଧାରଣ ସମ୍ପାଦକ), ସେକ୍ରେଟାରୀ, ଇସ୍‌ଲାହ୍ ଓ ଇର୍‌ଶାଦ୍(ସଂସ୍କାର ଓ କାର୍ଯ୍ୟ ନିର୍ବାହୀ) ଆଡିସନାଲ୍ ସେକ୍ରେଟାରୀ ଇସଲାହ ଇର୍‌ଶାଦ -୧ (ନବଦୀକ୍ଷିତଙ୍କ ଶିକ୍ଷାଦୀକ୍ଷା ଦାୟିତ୍ୱ), ଅତିରିକ୍ତ ସମ୍ପାଦକ ଇସଲାହ୍ ଓ ଇର୍‌ଶାଦ୍ - ୨ (ଅସ୍ଥାୟୀ ଭାବେ ଉତ୍ସର୍ଗୀକୃତଙ୍କ କୁରଆନ ଶିକ୍ଷା ଦାୟିତ୍ୱ), ସେକ୍ରେଟାରୀ ତାଆଲିମୁଲ୍ କୁରଆନ୍ ଓ ୱ୍କଫେ ଆର୍‌ଜୀ(କୁରଆନ୍ ଶିକ୍ଷା ଓ ଅସ୍ଥାୟୀ ସେବା), ସେକ୍ରେଟାରୀ ଦାଓ୍ୱତ୍ ଇଲଲ୍ଲାଃ(ଅଲ୍ଲାଃଙ୍କ ପ୍ରତି ଆହ୍ୱାନ), ସେକ୍ରେଟାରି ଉମୁର୍ ଆମା(ସାଧାରଣ ପ୍ରଶାସନ), ସେକ୍ରେଟାରୀ ଅମୁର ଖାରିଜା(ବହିଃବ୍ୟାପାର), ସେକ୍ରେଟାରୀ ମାଆଲ୍(ଅର୍ଥ), ନାଏବ ସେକ୍ରେଟାରୀ ମାଆଲ୍, ସେକ୍ରେଟାରୀ ଓସାୟା(ଇଚ୍ଛାପତ୍ର), ସେକ୍ରେଟାରୀ ତସ୍‌ନିଫ୍ ଓ ଇଶାଅତ୍ (ଲିଖନ ଓ ପ୍ରକାଶନ), ଆଡ଼ିସନାଲ ସେକ୍ରେଟାରୀ ତସ୍‌ନିଫ୍ ଓ ଇଶାଅତ (ଦୃଶ୍ୟ ଓ ଶ୍ରାବ୍ୟ), ସେକ୍ରେଟାରୀ ଜରାଅତ୍ (ଋଷବାସ), ସେକ୍ରେଟାରୀ ସନଅତ୍ ଓ ତିଜାରତ୍ (ହସ୍ତଶିଳ୍ପ ଓ ବ୍ୟବସାୟ), ସେକ୍ରେଟାରୀ ଜିୟାଫତ୍(ଖାଦ୍ୟପେୟ ଓ ଆତିଥ୍ୟ), ସେକ୍ରେଟାରୀ ଯାଏଦାଦ୍ ଓ ଇମଲାକ୍ (ସମ୍ପତ୍ତି ଓ ଭୂଅର୍ଜନ), ସେକ୍ରେଟାରୀ ରିସ୍ତାନାତା (ବିବାହ ଘଟସୂତ୍ର), ଇମାମୁସ୍ ସଲାଆତ୍(ନମାଜ ପରିଚାଳକ), ଅଡ଼ିଟର, ଅମିନ୍ ଓ ମୌହାସିବ୍ (ହିସାବ ରକ୍ଷକ ଓ ତତ୍ତ୍ୱାବଧାରକ)

**ଟିପ୍ପଣୀ (୧):** ନିମ୍ନଲିଖିତ ପଦାଧିକାରୀମାନଙ୍କ ମଞ୍ଜୁରୀ ସମ୍ପୃକ୍ତ ମୁଖ୍ୟାଳୟରୁ ନିଆଯିବ ।

କାଜି, ସେକ୍ରେଟାରୀ ତେହରିକ୍ ଯଦିଦ୍ (ନବୀନ ବିତ୍ତୀୟଧାରା ଯୋଜନା), ସେକ୍ରେଟାରୀ ଓ୍ୱକ୍‌ଫେ ଯଦିଦ୍(ନୂତନ ଧନ ତ୍ୟାଗ ଯୋଜନା), ଆଡ଼ିସ୍‌ନାଲ୍ ସେକ୍ରେଟାରୀ ଓ୍ୱାକ୍‌ଫେ ଯଦିଦ୍ (ନବଦୀକ୍ଷିତଙ୍କ ପାଇଁ), ସେକ୍ରେଟାରୀ ଓ୍ୱକ୍‌ଫେ ନୌ (ସନ୍ତାନ ଉତ୍ସର୍ଗ), ଓହଦେଦାରାନ୍ - ମଜଲିସ୍ ଅନ୍‌ସାରୁଲାଃ (ପ୍ରୌଢ଼ ସଭା) ଏବଂ ଖୁଦାମୁଲ୍ ଅହମଦୀୟା (ଯୁବ ସଂଗଠନ)ର କର୍ମକର୍ତ୍ତାଗଣ ଇତ୍ୟାଦି ।

**ଟିପ୍ପଣୀ (୨):** ସେକ୍ରେଟାରୀ ଓସାୟା ପାଇଁ ନିର୍ବାଚିତ ହୋଇଥିବା ବ୍ୟକ୍ତି ଜଣେ 'ମୁସି' (ଇଚ୍ଛାପତ୍ରଧାରୀ) ହୋଇଥିବା ଜରୁରୀ ।

**ବିଧି ନଂ ୩୨୧:** ମୋହସେଲୀନ(ସହାୟତା କରୁଥିବା ବ୍ୟକ୍ତି)ଙ୍କ ପାଇଁ ସ୍ଥାନୀୟ ମଜଲିସ୍ ଆମିଲାର ସ୍ୱୀକୃତି ଯଥେଷ୍ଟ । ଅବଶ୍ୟ ସେମାନଙ୍କ ସମ୍ବନ୍ଧରେ ନିଜାରତ ବୈତୁଲ୍ ମାଆଲ୍ (ଆମଦ୍) ଅର୍ଥ ନିର୍ଦ୍ଦେଶାଳୟ (ଆୟ)ଙ୍କ ନିକଟକୁ ସୂଚନାଭିତ୍ତିକ ରିପୋର୍ଟ ଆସିବା ଉଚିତ । ଯଦ୍ୱାରା ଯଦି କୌଣସି ଅନୁଚିତ ନିଯୁକ୍ତି କରାଯାଇଥିବ, ତା'ହେଲେ ତାକୁ ସୁଧାରି ଦିଆ ଯାଇପାରିବ ।

**ବିଧି ନଂ ୩୨୩:** ପ୍ରତ୍ୟେକ ସ୍ଥାନୀୟ ସଂସ୍ଥା ଯାହାର ଚନ୍ଦାଦେୟଙ୍କ ସଂଖ୍ୟା ଚାଳିଶ ବା ତା'ଠାରୁ ଅଧିକ ହୋଇଥିବ, ସେମାନଙ୍କର ପର୍ଯ୍ୟବେକ୍ଷକ ରୂପେ ଜଣେ କାଜୀଙ୍କୁ ନିଯୁକ୍ତ କରିବା ଜରୁରୀ ହେବ । ସେଠାକାର ଅମିର ବା ସଦର୍ କିମ୍ବା ଅନ୍ୟ କୌଣସି କର୍ମକର୍ତ୍ତା 'କାଜୀ'ଙ୍କ କାର୍ଯ୍ୟନିର୍ବାହ କରିପାରିବେ ନାହିଁ ।

**ଟିପ୍ପଣୀ:** (୧) ଆବଶ୍ୟକ ସ୍ଥଳେ ଏକାଧିକ କାଜୀଙ୍କୁ ମୁତୟନ କରାଯାଇ ପାରିବ ।

(୨) ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ଭାରତର ଜମାଅତମାନଙ୍କରେ ଓ ଜିଲ୍ଲା ସ୍ତରରେ କାଜୀ ନିଯୁକ୍ତ କରିବା ସକାଶେ ଏକ କମିଟି ଗଠନ କରିଛନ୍ତି, ଉକ୍ତ କମିଟି କାଜୀମାନଙ୍କ ନାମର ପ୍ରସ୍ତାବ ଦେଇ ହଜୁର[ଅବ]ଙ୍କ ଠାରୁ ମଞ୍ଜୁରୀ ହାସଲ କରୁଛନ୍ତି ।

(୩) ଆବଶ୍ୟକ ସ୍ଥଳେ ଏକରୁ ଅଧିକ ଇମାମୁସ୍ ସଲାତ୍ ମଧ୍ୟ ଧାର୍ଯ୍ୟ କରାଯାଇ ପାରିବ ।

**ବିଧି ନଂ ୩୨୪:** ଯଦି କୌଣସି ଅମିର ବା ଅନ୍ୟ କେହି ସ୍ଥାନୀୟ କର୍ମକର୍ତ୍ତାଙ୍କ ନିର୍ବାଚନ ସଂକ୍ରାନ୍ତରେ କୌଣସି ଅଭିଯୋଗ ମିଳିବ ଯାହାର ତଦନ୍ତ ହେବା ପରେ ସତ ବୋଲି ପ୍ରମାଣିତ ହେବ ଯେକାହାକୁ ଭୋଟ ଦେବା ପାଇଁ ପ୍ରଚାର କରାଯାଇଥିଲା, ତା' ହେଲେ ସେହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯିବ ଏବଂ ପ୍ରଚାର କରିଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟ ଥର ନିର୍ବାଚନ ହେଉଥିବା ବେଳେ ଉକ୍ତ ସଭାରେ ସାମିଲ ହେବାକୁ ଅନୁମତି ଦିଆଯିବ ନାହିଁ ।

**ବିଧି ନଂ ୩୨୫:** କାହା ସପକ୍ଷରେ ପ୍ରଚାର (Propogonda) ମଧ୍ୟରେ ଏହି ବିଷୟ ରହିଛି ଯେ ଜମାଅତର କେତେକ ବ୍ୟକ୍ତି ବା ଜଣେ ବ୍ୟକ୍ତି ଯଦି କୌଣସି ଉପାୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ହେଉ କିମ୍ବା ବିପକ୍ଷରେ ହେଉ ନିଜ ମତାମତ ରଖି ପ୍ରଚାରର ଉଦ୍ୟମ କରୁଥିବେ । ଅବଶ୍ୟ ନିର୍ବାଚନ ପାଇଁ ଅନୁଷ୍ଠିତ ସଭାରେ ସଭାପତିଙ୍କ ଅନୁମତି କ୍ରମେ ପ୍ରସ୍ତାବିତ ପ୍ରାର୍ଥୀଙ୍କ ସପକ୍ଷରେ ଉଚିତ ଶବ୍ଦ ଓ ଶାଳୀନ ମନ୍ତବ୍ୟ ଦେଇ ସଂକ୍ଷିପ୍ତ ବକ୍ତବ୍ୟ ରଖାଯାଇ ପାରିବ । ମାତ୍ର କୌଣସି ପ୍ରାର୍ଥୀଙ୍କ ବିରୁଦ୍ଧରେ ବକ୍ତୃତା ଦେବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ।

**ବିଧି ନଂ ୩୨୬:** ନିର୍ବାଚନ ସମୟରେ ଏକଥା ସ୍ପଷ୍ଟ ରୂପେ ମନେ ରଖିବା ଉଚିତ୍ ଯେ, କୌଣସି ପଦ ପାଇଁ କୌଣସି ବ୍ୟକ୍ତି ନିଜ ନାମ ପ୍ରକାଶ କରିପାରିବେ ନାହିଁ କି ସେ ନିଜକୁ ଭୋଟ ଦେଇ ପାରିବେ ନାହିଁ । ଯଦି ନିର୍ବାଚନ ସମୟରେ ଏହା ଜଣାପଡ଼େ ଯେ ଉକ୍ତ ବ୍ୟକ୍ତି ନିଜର ନାମ ଉପସ୍ଥାପନ କରିଛନ୍ତି କିମ୍ବା ନିଜ ପାଇଁ ଭୋଟ ଦେଇଛନ୍ତି, ତା' ହେଲେ ତାଙ୍କୁ ନିର୍ବାଚିତ ଘୋଷଣା କରାଯିବ ନାହିଁ । ଏବଂ ଏହି ସମୟରେ ଯଦି ସେ ଅନ୍ୟ କୌଣସି ପଦରେ ଅଛନ୍ତି, ତା'ହେଲେ ତାଙ୍କର ସଭ୍ୟ ପଦ ରଦ୍ଦ କରାଯିବ ।

**ବିଧି ନଂ ୩୨୭:** କୌଣସି ବ୍ୟକ୍ତି ଯଦି ତାଙ୍କର ବୟସାନୁସାରେ ତାଙ୍କ ନାମ ମଜଲିସ୍ ଖୁଦ୍ଦାମୁଲ ଅହମଦୀୟା କିମ୍ବା ମଜଲିସ୍ ଅନ୍‌ସାରୁଲ୍ଲାଃର ସଭ୍ୟ ରୂପେ ତାଲିକାଭୁକ୍ତ ହୋଇ ନାହାନ୍ତି, ତା'ହେଲେ ତାଙ୍କୁ କୌଣସି ପଦ ପଦବୀ ଦିଆଯିବ ନାହିଁ ।

**ବିଧି ନଂ ୩୨୮:** ସମସ୍ତ ସଭ୍ୟଙ୍କୁ ନିର୍ବାଚନ ସମୟରେ ଉପସ୍ଥିତ ରହି ଭୋଟଦାନ କରିବା ଜରୁରୀ । କୌଣସି ସଭ୍ୟଙ୍କୁ ପକ୍ଷପାତିତା କରିବା ପାଇଁ ଅନୁମତି ଦିଆଯିବ ନାହିଁ। ବରଂ ନିରପେକ୍ଷ ରହିବା ସର୍ବାଦୌ ଶ୍ରେୟସ୍କର।

**ବିଧି ନଂ ୩୨୯:** ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନିର୍ବାଚନରେ ଭୋଟ ଦେବାର ଅଧିକାର ନାହିଁ ।

(କ) ଏଭଳି ବ୍ୟକ୍ତି ଯାହାଙ୍କ ପାଇଁ ବିଧି ନଂ ୩୪୧ ଲାଗୁ ହୋଇଛି ଏବଂ କେନ୍ଦ୍ର (ମରକଜ)ର ଅନୁମତି ନ ନେଇଥିବା ବ୍ୟକ୍ତିଙ୍କ ବକେୟା ଚନ୍ଦାର ରାଶି କ୍ରମାଗତ ଭାବେ ପୈଠ ହେଉ ନଥିବ ଏବଂ ତାହା ଏ ପର୍ଯ୍ୟନ୍ତ ବାକି ଗଡ଼ି ଆସୁଥିବ।

(ଖ) ମହିଳା ବର୍ଗ

(ଗ) ୧୮ ବର୍ଷରୁ କମ୍ ବୟସ୍କ ବ୍ୟକ୍ତି ।

(ଘ) ଯେଉଁ ବ୍ୟକ୍ତିମାନଙ୍କୁ ଜମାଅତ ବ୍ୟବସ୍ଥାରୁ ବାଛନ୍ଦ କରାଯାଉଛି କିମ୍ବା ସେ ଦଣ୍ଡିତ ଅଛନ୍ତି ।

(ଙ) ଏଭଳି ସଭ୍ୟ ଯେଉଁମାନେ ସ୍ଥାନୀୟ ଜମାଅତରୁ ସମ୍ପର୍କ ଛିନ୍ନ କରି ସିଧାସଳଖ ମରକଜ୍‌କୁ ଅଲଗା ଭାବେ ନିଜ ସଭ୍ୟ ଚାନ୍ଦା ଦେବାକୁ ଅଡ଼ି ବସିଛନ୍ତି ।

(ଚ) ଏଭଳି ସାବାଳକ ପିଲା ଯାହାଙ୍କର ଭରଣପୋଷଣର ଖର୍ଚ୍ଚଭାର ସେମାନଙ୍କ ଅଭିବାବକ ବା ପିତାମାତା ତୁଲାଉଛନ୍ତି ।

**ବିଧି ନଂ ୩୩୦:** ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ କୌଣସି ପଦପଦବୀ ପାଇଁ ନିର୍ବାଚନରେ ସାମିଲ କରାଯିବ ନାହିଁ ।

(କ) ଯେଉଁମାନେ ବିଧି ନଂ ୩୨୯ ଅନୁଯାୟୀ ଭୋଟ ଦେବା ପାଇଁ ଯୋଗ୍ୟ ନୁହଁନ୍ତି।

(ଖ) ଲାଜମି (ଧାର୍ଯ୍ୟ)ଚାନ୍ଦାର ବକେୟା ରାଶି ପୈଠ ନ କରି ହଜରତ ଖଲିଫତୁଲ ମସିହଙ୍କ ଠାରୁ ଅନୁମତି ଭିକ୍ଷା କରୁଥିବା ବ୍ୟକ୍ତି ।

(ଗ) ଓସିୟତ୍ ବିଧି ନଂ-୭୨ର ନିୟମାନୁସାରେ ଓସିୟତ୍ ପ୍ରାର୍ଥୀ (ଇଚ୍ଛାପତ୍ରରେ ସ୍ୱାକ୍ଷର କରି ଚାନ୍ଦା ଦେଉଥିବା ବ୍ୟକ୍ତି)ଙ୍କର ଓସିୟତ୍‌କୁ ଯଦି ଅଞ୍ଜୁମନ ଅହମଦୀୟା ରଦ୍ଦ କରି ଦେଇ ଥାଆନ୍ତି ।

(ଘ) ଚାନ୍ଦା ରାଶିର ପରିମାଣକୁ ନିଜସ୍ୱ ବୋଲି ଭାବି ଆତ୍ମସାତ୍ କରିଥିବା ବ୍ୟକ୍ତି ।

**ବିଶେଷ ଟିପ୍ପଣୀ:** ଯଦି କୌଣସି ବ୍ୟକ୍ତି ପୁନର୍ବାର କୌଣସି କିସମର ଅର୍ଥ ଆତ୍ମସାତ କରିବା ଯୋଗୁଁ ଦଣ୍ଡିତ ହୋଇ କ୍ଷମତାରୁ ପଦଚ୍ୟୁତ ହୋଇଯାଆ'ନ୍ତି ତେବେ ଭବିଷ୍ୟତରେ କଦାପି ତାଙ୍କର ନାମାଙ୍କନ କୌଣସି ପଦପଦବୀ ପାଇଁ ଉପସ୍ଥାପନ କରାଯାଇ ପାରିବ ନାହିଁ ।

**ବିଧି ନଂ ୩୪୧ :** ଚାନ୍ଦା ଦେୟକାରୀ ସେହି ବ୍ୟକ୍ତିମାନଙ୍କୁ କୁହାଯାଏ ଯେଉଁମାନେ ଜମାଅତରେ ଚାନ୍ଦା ଉପଯୁକ୍ତ ସମୟରେ ପୈଠ କରିଥାଆନ୍ତି ଏବଂ ଯାହାଙ୍କ ବିରୁଦ୍ଧରେ ସାଧାରଣ ଚାନ୍ଦା (ଚାନ୍ଦା ଆମ୍) ଏବଂ ହିସ୍‌ସା ଆମଦ (ଓସିୟତ, ଇଚ୍ଛାକୃତ ବ୍ୟକ୍ତିମାନଙ୍କ ପାଇଁ ଚାନ୍ଦା)ର ଅର୍ଥରାଶି ଛଅ ମାସରୁ ଉର୍ଦ୍ଧ୍ୱ ବକେୟା ନଥିବ କିମ୍ବା ଚାନ୍ଦା ଜଲସା ସାଲାନାର ରାଶି ପୈଠ କରିବାରେ ଏକ ବର୍ଷର ବକେୟା ନ ଥିବ ।

**ବିଧି ନଂ ୩୪୧-A:** ଯଦି ଜଣେ ଅନସାର ଅବା ଖୁଦ୍ଦାମ ହୋଇଥାଏ ଏବଂ ସେ ଜେଲି ତନଜିମ୍ ଚାନ୍ଦାର ବକାୟାଦାର ହୋଇଥାଏ, ତେବେ ସେ ନା ଜେଲି ତନଜିମ୍‌ର ପଦାଧିକାରୀ ରୂପେ ମନୋନୀତ ହୋଇପାରିବ ନା ଜମାଅତର ।

(**ଦ୍ରଷ୍ଟବ୍ୟ**:WTT-2591/2-3-16)

**ବିଧି ନଂ ୩୪୨ :** ଯଦି କୌଣସି ବକାୟାଦାର ନିଜ ବାକି ରଖିଥିବା ରାଶି ପୈଠ କରିବା ସମ୍ବନ୍ଧରେ ସମ୍ପୃକ୍ତ ବିଭାଗରୁ ସମୟସୀମା ଛାଡ଼ କରିବା ପାଇଁ ଅନୁମତି ହାସଲ କରି ନେଇଛନ୍ତି, ତାଙ୍କ ପାଇଁ ସେହି ସମୟ ପର୍ଯ୍ୟନ୍ତ ଚାନ୍ଦା ଆଦାୟର ସର୍ତ୍ତ ଲାଗୁ ହେବ ନାହିଁ ।

**ବିଧି ନଂ ୩୪୪ :** ଲାଜ୍‌ମି (ଧାର୍ଯ୍ୟ) ଚାନ୍ଦା ବାକି ରଖିଥିବା ବ୍ୟକ୍ତି, ଯିଏ ସେହି ବକାୟା ପାଇଁ କ୍ଷମା ହାସଲ କରିଥିବ ଓ ତତ୍ ସହିତ ପାଞ୍ଚବର୍ଷ

ପର୍ଯ୍ୟନ୍ତ ନିୟମିତ ରୂପେ ନିଜର ସମସ୍ତ ଧାର୍ଯ୍ୟ ସାଧାରଣ ଚାନ୍ଦା ପୈଠ କରି ସାରିଥିବ, ସେହି ବ୍ୟକ୍ତି କୌଣସି ପଦବୀ ପାଇଁ ନିର୍ବାଚିତ ବା ନିଯୁକ୍ତ ହୋଇ ପାରିବେ ।

**ବିଧି ନଂ ୩୪୫:** ଅନୁମତି କ୍ରମେ ଶରାଃ (ସଠିକ ଅନୁପାତ) ଠାରୁ କମ୍ ଚାନ୍ଦା ଦେଉଥିବା ବ୍ୟକ୍ତି ଭୋଟ ଦେବାପାଇଁ ଅଧିକାର ପାଇବେ । କିନ୍ତୁ କୌଣସି ପଦବୀରେ ନିଯୁକ୍ତି ବା ନିର୍ବାଚନ ପାଇଁ କେନ୍ଦ୍ର ମୁଖ୍ୟାଳୟରୁ ଅନୁମତି ନେବାକୁ ପଡିବ ।

## ନିର୍ବାଚିତ କର୍ମକର୍ତ୍ତାମାନଙ୍କ ମଞ୍ଜୁରୀ

**ବିଧି ନଂ ୩୪୬:** ସ୍ଥାନୀୟ ଶାଖା ପଦାଧିକାରୀ କିମ୍ବା କର୍ମକର୍ତ୍ତାଙ୍କ ନିଯୁକ୍ତି ଯେପରି ମରକଜ୍‌ର ଅନୁମୋଦନ କ୍ରମେ ହୋଇଥିବ, ସେହିପରି ତାଙ୍କୁ ତାଙ୍କ ପଦରୁ ହଟାଇ ଦିଆଯିବା ମଧ୍ୟ ମରକଜ୍‌ର କ୍ଷମତା ପରିସରଭୁକ୍ତ ହେବ । ଅବଶ୍ୟ ସଂପୃକ୍ତ ଅମିର ତାଙ୍କୁ ସ୍ଥାନୀୟ ଅମୀର ସେହି ପଦରୁ ବରଖାସ୍ତ କରିବା ପାଇଁ ସୁପାରିଶ କରିପାରନ୍ତି । ଅମିରଙ୍କୁ ଏହା ମଧ୍ୟ କ୍ଷମତା ଦିଆଯାଇଛି ଯେ କୌଣସି ସ୍ଥାନୀୟ ପଦାଧିକାରୀଙ୍କୁ ମରକଜର ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଲମ୍ବିତ କରିପାରନ୍ତି ।

**ବିଧି ନଂ ୩୪୭:** ନାଜିର ଆଲା(ମୁଖ୍ୟ ପ୍ରଶାସନ ନିର୍ଦ୍ଦେଶକ) ସ୍ଥାନୀୟ ଜମାଅତର କର୍ମକର୍ତ୍ତାଙ୍କ ନିଯୁକ୍ତି ଓ ସ୍ଥାନୀୟ ଜମାଅତର ନିର୍ବାଚନ ଇତ୍ୟାଦିକୁ ସ୍ଥାନୀୟ ଅମୀରଙ୍କ ପରାମର୍ଶ ଅନୁସାରେ ପରିଚାଳନା କରିବେ । ନାଜିର ଆ'ଲାଙ୍କୁ କ୍ଷମତା ଦିଆ ଯାଇଅଛି ସେ କୌଣସି କାରଣ ବଶତଃ ସ୍ଥାନୀୟ ଜମାଅତର ନିର୍ବାଚନକୁ ନାମଞ୍ଜୁର କରିପାରନ୍ତି । ଏବଂ ଯେ କୌଣସି ପଦାଧିକାରୀ ବା କର୍ମକର୍ତ୍ତାଙ୍କୁ କାରଣ ଦର୍ଶାଇବା ବିନା ବହିଷ୍କାର ମଧ୍ୟ କରିପାରନ୍ତି ଏବଂ ଏଥିପାଇଁ ନୂତନ ନିର୍ବାଚନ ସକାଶେ ଘୋଷଣା ମଧ୍ୟ କରିପାରନ୍ତି । ଏତଦ୍‌ବ୍ୟତୀତ ସ୍ଥାନୀୟ ଜମାଅତ ସକାଶେ ନିଜ ତରଫରୁ କାଁ ଭାଁ ପଦାଧିକାରୀ କିମ୍ବା କର୍ମକର୍ତ୍ତାଙ୍କୁ ମନୋନୀତ ମଧ୍ୟ କରିପାରନ୍ତି ।

**ଜରୁରୀ ଟିପ୍ପଣୀ :-** ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ଙ୍କ ନିର୍ଦ୍ଦେଶ କ୍ରମେ ମରକଜ - କାଦିୟାନରେ ଏକ 'କେନ୍ଦ୍ରୀୟ ନିର୍ବାଚନ କମିଟି' ଗଠନ

କରାଯାଇଛି । ଏହାର ଅଧ୍ୟକ୍ଷ ରୂପେ ମୁଖ୍ୟ ପ୍ରଶାସନ ନିର୍ଦ୍ଦେଶକ (ନାଜିର ଆ'ଲା) ରହିଛନ୍ତି । ଏହି କମିଟି ମାଧ୍ୟମରେ ସଦର ଓ ସେକ୍ରେଟାରୀମାନଙ୍କ ନିର୍ବାଚନର ମଞ୍ଜୁରୀ ଦିଆଯାଇଥାଏ ।

**ବିଧି ନଂ ୩୫୦ :** ଯଦି କୌଣସି ସ୍ଥାନରେ ଜଣେ ଅପରିଶୋଧକାରୀ ବ୍ୟକ୍ତିଙ୍କୁ ନିଯୋଜିତ କରିବା ପାଇଁ ବାଧ୍ୟ ହେବାକୁ ପଡ଼େ, ତେବେ ସେହି ପରିସ୍ଥିତିରେ ଉକ୍ତ ପଦବୀଧାରୀ ବ୍ୟକ୍ତିଙ୍କ ଠାରୁ ସଂକଳ୍ପ ନିଆଯିବ ଯେ ତାଙ୍କର ରହିଥିବା ବକେୟା ଦେୟକୁ ସେ ସହଜ କିସ୍ତିରେ ପରିଶୋଧ କରି ଚାଲିବ । ଏହାର ମଞ୍ଜୁରୀ ସ୍ଥାନୀୟ ଅମିର ବା ସଦର କିମ୍ବା ସମ୍ପୃକ୍ତ ଅର୍ଥ ବିଭାଗ ଠାରୁ ହାସଲ କରିବା ଜରୁରୀ ହେବ । କିନ୍ତୁ ଯଦି କୌଣସି ଅପରିଶୋଧକାରୀ ('ମୁସି' ଥିବା ବକେୟାଦାରଙ୍କୁ ଛାଡ଼ି ଦେଲେ ଯେଉଁମାନଙ୍କ ବକାୟା ରାଶି କଦାପି ମାଫ୍ କରାଯାଇପାରିବ ନାହିଁ) ନିଜର ବାକି ଥିବା ଦେୟର ପରିମାଣ ପରିଶୋଧ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ, ସେପରି ସ୍ଥଳେ ସେ ନିଜର ଅକ୍ଷମତାର କାରଣ ବିଭାଗୀୟ ଅଧିକାରୀଙ୍କ ଜରିଆରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ଆବେଦନ କରିବେ ଏବଂ ଏହାକୁ ଛାଡ଼ କରିବା ପାଇଁ ଖଲିଫତୁଲ ମସିହଙ୍କ ଠାରୁ ମାଫିନାମା ନେବେ ।

**ବିଧି ନଂ ୩୫୪ :** ନବ ନିର୍ବାଚିତ ପଦବୀଧାରୀଙ୍କ ନାମ ତାଲିକା ସମ୍ପୂର୍ଣ୍ଣ ଠିକଣା ସହ କେନ୍ଦ୍ରୀୟ ପ୍ରଶାସନିକ ମୁଖ୍ୟଙ୍କ କାର୍ଯ୍ୟାଳୟକୁ ପଠାଇବା ଜରୁରୀ । କିନ୍ତୁ ଯେ ପର୍ଯ୍ୟନ୍ତ ସେମାନଙ୍କ ମଞ୍ଜୁରୀ ମୁଖ୍ୟ ଦପ୍ତରରୁ ପ୍ରାପ୍ତ ନହୋଇଛି, ସେ ପର୍ଯ୍ୟନ୍ତ ପୂର୍ବତନ ପଦାଧିକାରୀ କର୍ମକର୍ତ୍ତା ମାନେ ନିଜ କାମ ଚାଲୁ ରଖିବେ ।

## ଅନ୍ୟାନ୍ୟ ବିଧି

**ବିଧି ନଂ ୩୫୫ :** ନୂତନ କର୍ମକର୍ତ୍ତାଙ୍କର ମଞ୍ଜୁରୀ ମିଳିବା ପରେ ପୂର୍ବତନ କର୍ମକର୍ତ୍ତାମାନେ ଯଥା ଶୀଘ୍ର କାମର ଦାୟିତ୍ୱ ସମ୍ପୂର୍ଣ୍ଣ ବିସ୍ତାର ପୂର୍ବକ ନଥିପତ୍ର ସହିତ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିବେ । ଦୁଇ ସପ୍ତାହ ମଧ୍ୟରେ ନୂଆ ପଦବୀଧାରୀ ବ୍ୟକ୍ତି ମାନେ ପୁରୁଣା କର୍ମକର୍ତ୍ତାଙ୍କ ଠାରୁ ପୂର୍ବ ବର୍ଷର ବିବରଣୀ ନେଇ ସଂପୃକ୍ତ ବିଭାଗ ଗୁଡ଼ିକୁ ପଠାଇ ଦେବେ । ନଚେତ୍ ଏହି ଦାୟିତ୍ୱ ସେମାନଙ୍କୁ ବହନ କରିବାକୁ ପଡ଼ିବ ।

**ବିଧି ନଂ ୩୬୩:** ଜମାଅତର ଯାବତୀୟ ଚିଠିପତ୍ରର କାମ ସେକ୍ରେଟାରୀମାନଙ୍କ ନାମରେ କରା ଯାଇପାରେ । ଏପରି ସ୍ଥଳେ ଏହାର ନକଲ ଅମିର / ସଦରଙ୍କୁ ଦେବା ଆବଶ୍ୟକ ।

**ବିଧି ନଂ ୩୬୪ :** ସ୍ଥାନୀୟ ଅମିର / ସଦରଙ୍କ ପାଇଁ ଏହା ଜରୁରୀ ଯେ ସେମାନେ ନିଜ ସ୍ଥାନରୁ ବାହାରକୁ କୌଣସି ଜମାଅତି କାର୍ଯ୍ୟରେ ଗଲେ ଅଗ୍ରୀମ ଖର୍ଚ୍ଚ ରାଶି ପାଇଁ ପୂର୍ବରୁ ନାଜର୍ ଆ'ଲାଙ୍କ ନିକଟରୁ ଅନୁମତି ନେବାକୁ ପଡ଼ିବ । ତତ୍‌ସହିତ ନିଜ ପଦଭାର ସମ୍ଭାଳିବା ପାଇଁ ଅସ୍ଥାୟୀ ରୂପେ ଅନ୍ୟ ଜଣେ କାମଚଳା ବ୍ୟକ୍ତି (କାୟମ ମୁକାମ)ଙ୍କୁ ନିଯୁକ୍ତ କରିବେ ।

**କାୟମ ମୁକାମଙ୍କ ସମ୍ବନ୍ଧରେ ଜରୁରୀ ନିର୍ଦ୍ଦେଶାବଳୀ:** ଭାରତର ଜମାଅତରେ କାୟମ ମୁକାମ (କାମଚଳା) ଅମିର ଜିଲ୍ଲା, ସ୍ଥାନୀୟ ଅମିର ଓ ସଦର ଜମାଅତଙ୍କ ନିଯୁକ୍ତି ନିମନ୍ତେ ଖଲିଫତୁଲ୍ ମସିହ ନିମ୍ନମତେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି (୧) କାୟମ ମୁକାମ ଅମିର ଜମାଅତ ଓ ଅମିର ଜିଲ୍ଲା ଯଦି ଦେଶ ମଧ୍ୟରେ ଏକ ସପ୍ତାହର ଅବକାଶ ନିବେଦନ କରନ୍ତି, ତେବେ ନାଜିର ସାହେବ ଆଲା କାଦିୟାନ ଉକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବେ । କିନ୍ତୁ ଅଭ୍ୟନ୍ତରୀଣ ଦେଶ ଏକ ସପ୍ତାହରୁ ଅଧିକ ସମୟ ଅବକାଶରେ ଗଲେ ଖଲିଫାଙ୍କ ଠାରୁ ଅନୁମତି ନେବାକୁ ହେବ । ଯେତେବେଳେ କି ଉଭୟଙ୍କର ଦେଶ ବାହାରକୁ ଛୁଟିରେ ଯିବାକୁ ହୁଏ, ତେବେ ପୂର୍ବ ନିୟମାନୁଯାୟୀ ଖଲିଫାଙ୍କ ଠାରୁ କାୟମ ମୁକାମର ନିଯୁକ୍ତି ନିମନ୍ତେ ଅନୁମତି ନେବାକୁ ହେବ । (୨) ସଦର ଜମାଅତଙ୍କ ଭାରତ ଅଭ୍ୟନ୍ତରରେ ଅବା ବାହାରକୁ ଛୁଟି ଯିବା ଅବସ୍ଥାରେ କାୟମ ମୁକାମ (କାମଚଳା ପଦ)ର ଅନୁମତି ନାଜିର ଆଲା ପ୍ରଦାନ କରିବେ । ଏଥିନିମନ୍ତେ ଉକ୍ତ ଜମାଅତର କିଛି ବୟୋଜେଷ୍ଠ ସଦସ୍ୟ ତାଙ୍କ ନାମ ନାଜିର ଆଲାଙ୍କ ନିକଟକୁ ଆସିବା ଉଚିତ୍ ।

**ଟିପ୍ପଣୀ :** ଉତ୍ତର ଭାରତର ଜମାଅତଗୁଡ଼ିକ ନିମନ୍ତେ ନାଜିର ସାହେବ ଆଲା ଓ ଦକ୍ଷିଣ ଭାରତର ଜମାଅତଗୁଡ଼ିକ ନିମନ୍ତେ ଏଡ଼ିସନଲ୍ ନାଜିର ସାହେବ ଆଲା ଜୁନୁବି ହିନ୍ଦ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

(**ଦ୍ରଷ୍ଟବ୍ୟ**: WTT-3714/21-4-16)

# ଅମୀରମାନଙ୍କ ପାଇଁ ନିର୍ବାଚନ ବିଧି

ଭାରତରେ ଥିବା ଅହମଦୀୟା ଜମାଅତମାନଙ୍କରେ ଅମିର ପ୍ରଶାସନ ଲାଗୁ କରିବା ପାଇଁ ହଜରତ ଖଲିଫତୁଲ ମସିହ ପଞ୍ଚମ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଗାମୀ ଦିନମାନଙ୍କରେ ଅମିରମାନଙ୍କ ନିର୍ବାଚନ ସକାଶେ ସଭ୍ୟସଂଖ୍ୟା ୪୦ ବଦଳରେ ଅତି କମ୍‌ରେ ୫୦ ସଂଖ୍ୟକ ଚାନ୍ଦା ପୈଠକାରୀ ଅହମଦି ହେବା ଉଚିତ୍ । ତାହା ବ୍ୟତୀତ ସେହି ଅମାରତ ସ୍ତରୀୟ ପରିଷଦରେ ଉପଯୁକ୍ତ ସଂଖ୍ୟାରେ ଡାକ୍ତର, ଶିକ୍ଷକ ଓ ଓକିଲମାନେ ମଧ୍ୟ ରହିବା ଆବଶ୍ୟକ । ଏବଂ ଏହାର ମଞ୍ଜୁରୀ ଖଲିଫତୁଲ ମସିହଙ୍କ ଠାରୁ ମିଳିବା ଜରୁରୀ

**(ଦ୍ରଷ୍ଟବ୍ୟ: QND-0314/60 ଫେବୃଆରୀ ୨୦୦୮)**

ସୁତରାଂ ଏହି ନିର୍ଦ୍ଦେଶନାମା ଅନୁଯାୟୀ କେତେକ ଜମାଅତର ତଥ୍ୟ ଭିତ୍ତିକ ବିବରଣୀ ଏବଂ ରିପୋର୍ଟ ଆଦିକୁ ହଜୁରଙ୍କ ସମକ୍ଷରେ ଉପସ୍ଥାପନ କରା ଯିବାରୁ, ହଜୁରଙ୍କ ଏହି ସମସ୍ତ ତଥ୍ୟକୁ ଆଧାର କରି କିଛି ଶାଖା ଜମାଅତରେ ମଧ୍ୟ ଅମିର ପ୍ରଶାସନର ମାନ୍ୟତା ଦେଇ ଏହାକୁ ଲାଗୁ କରିବା ପାଇଁ ମଞ୍ଜୁରୀ ଦେଇଥିଲେ । ଫଳ ସ୍ୱରୂପ ୨୦୧୦ ମସିହାରେ ସେହି ସବୁ ସ୍ଥାନମାନଙ୍କରେ 'ଅମାରତ୍' (ଅମିର ପ୍ରଶାସନ) ପ୍ରଚଳନ କରାଗଲା ।

# ଅମୀରମାନଙ୍କ ନିର୍ବାଚନ
# 'ମଜଲିସ୍ ଇନ୍‌ତିଖାବ'ଙ୍କ ଦ୍ୱାରା ସମ୍ପନ୍ନ ହେବ

**ବିଧି ନଂ ୩୩୧ :** ଅମିର, ସେକ୍ରେଟାରୀ (ସମ୍ପାଦକଗଣ), ମହାସିବ (ହିସାବ ରକ୍ଷକ) ଓ ଅଡ଼ିଟର(ହିସାବ ସମୀକ୍ଷକ) ମାନଙ୍କ ନିର୍ବାଚନ ସିଧାସଳଖ ହେବ ନାହିଁ । ବରଂ ଏକ ବିଧିବଦ୍ଧ ନିର୍ବାଚନ ପ୍ରଣାଳୀ ଦ୍ୱାରା ଏକ ପରିଷଦ ସଭ୍ୟଙ୍କ ମାଧ୍ୟମରେ ଏମାନଙ୍କ ନିର୍ବାଚନ ହେବ । ଏବଂ ଏହି ପରିଷଦକୁ ଜମାଅତର ସମସ୍ତ ଚାନ୍ଦା ପୈଠକାରୀ ସଭ୍ୟମାନେ ହିଁ ନିର୍ବାଚିତ କରିବେ, ଯେଉଁ ପରିଷଦ ବିଧି ଅନୁସାରେ ନିର୍ବାଚନ ପରିଚାଳନା କରିବେ ।

ଯେଉଁ ଜମାଅତରେ ଯଦି ଚାନ୍ଦା ପୈଠକାରୀ ସଭ୍ୟ ସଂଖ୍ୟା ୫୦ରୁ ୧୦୦ ପର୍ଯ୍ୟନ୍ତ ଅଛି ତା'ହେଲେ ସେଠାରେ ମଜଲିସ୍ ଇନ୍‌ତେଖାବ ଅର୍ଥାତ୍ ନିର୍ବାଚନ ପାଇଁ ଗଠିତ ପରିଷଦ ସଭ୍ୟ ସଂଖ୍ୟା ୧୧ ହେବ । ଯେଉଁ ଶାଖାରେ ଚାନ୍ଦା ପୈଠକାରୀଙ୍କ ସଂଖ୍ୟା ୨୦୦ ଅଛି, ସେଠାକାର ମଜଲିସ୍ ଇନ୍‌ତେଖାବ ଅର୍ଥାତ୍ ପରିଷଦ ସଭ୍ୟ ସଂଖ୍ୟା ୧୫ ହେବ । ଏବଂ ଏହି ସମସ୍ତ ୧୫ ଜଣ ସଭ୍ୟଙ୍କ ବୟସ ୬୦ ବର୍ଷରୁ କମ୍ ହୋଇଥିବ ।

୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଚାନ୍ଦା ପୈଠକାରୀ ସଭ୍ୟ ବୟତ୍ (ଦୀକ୍ଷା) ନେବାର ୧୦ ବର୍ଷ ଅବଧି ବିତି ଯାଇଥିଲେ ଓ ସେମାନଙ୍କ ସଂଖ୍ୟା ୬୦ ବର୍ଷରୁ କମ୍ ବୟସର ସଭ୍ୟମାନଙ୍କ ସହିତ ସମାନ ଥିଲେ, ସେମାନେ ବିନା ନିର୍ବାଚନରେ ସିଧାସଳଖ ମଜଲିସ୍ ଇନ୍‌ତେଖାବ୍‌ର ସଭ୍ୟ ହୋଇଯିବେ । ଉଦାହରଣ ସ୍ୱରୂପ ୬୦ବର୍ଷରୁ କମ୍ ବୟସର ଚାନ୍ଦା ପୈଠକାରୀ ସଭ୍ୟମାନଙ୍କ ଦ୍ୱାରା ଯଦି ୧୫ ଜଣିଆ ମଜଲିସ୍ ଇନ୍‌ତେଖାବ ପାଇଁ ସଭ୍ୟ ଚୟନ ହୋଇଛନ୍ତି, ତା'ହେଲେ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ସଭ୍ୟ ସଂଖ୍ୟା ୨୦ କିମ୍ବା ୨୫ ଜଣ ହୋଇଥିଲେ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ନିର୍ବାଚନ କରାଯିବ । ଏହି ନିର୍ବାଚନରେ ୬୦ବର୍ଷରୁ କମ୍ ବୟସ୍କ ଲୋକ ଯେଉଁମାନେ ଚାନ୍ଦା ନିୟମିତ ଭାବେ ପୈଠ କରୁଛନ୍ତି, ସେମାନେ ମଧ୍ୟ ୬୦ବର୍ଷରୁ ଉର୍ଦ୍ଧ୍ୱ ସଭ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ନିର୍ବାଚନରେ ଭୋଟ ଦେବେ । ଅର୍ଥାତ୍ ୬୦ବର୍ଷରୁ

କମ୍ ଓ ୬୦ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କର ନାମ ଅଲଗା ଅଲଗା ଘୋଷଣା କରାଯିବ । କିନ୍ତୁ ଭୋଟ ସମୟରେ ସମସ୍ତ ଉପସ୍ଥିତ ସଭ୍ୟ ଏକାଠି ଭୋଟ ଦେବେ ।

**ଦ୍ରଷ୍ଟବ୍ୟ ୧ :** ଭୋଟ ଦେବା ଓ ପଦ ପଦବୀରେ ନିର୍ବାଚିତ ହେବା ପାଇଁ ଚାନ୍ଦା ପୈଠକାରୀ ସଦସ୍ୟମାନଙ୍କ ପାଇଁ ସେହି ସର୍ତ୍ତଗୁଡ଼ିକ ଲାଗୁ ହେବ, ଯାହା ସଦର (ସଭାପତି)ମାନଙ୍କ ନିର୍ବାଚନୀ ଆଚାର ସଂହିତା ସହିତ ସମାନ ହେବ ।

**(ବିଧି ନଂ ୩୨୯ ଓ ବିଧି ୩୩୦ ଏବଂ ବିଧି ନଂ ୩୪୧ ଠାରୁ ୩୪୫)**

**ଦ୍ରଷ୍ଟବ୍ୟ୨ :** ସ୍ଥାନୀୟ ଅମିରଙ୍କ ଅଧୀନରେ ଉକ୍ତ ଜମାଅତର ହଲକାମାନଙ୍କର ନିର୍ବାଚନ ନଜାରତ୍ ଉଲିୟାର ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ ନାଜିର ଆଲା ନିର୍ବାଚିତ ସଦର ଓ ଆମିଲା(କର୍ମକର୍ତାମାନଙ୍କ) ପଦବୀର ଅନୁମତି ପ୍ରଦାନ କରିବେ ।

**ବିଧି ନଂ ୩୩୩:** ମଜ୍‌ଲିସ୍ ଇନ୍‌ତେଖାବ (ନିର୍ବାଚନ ପରିଷଦ)ର ସଭ୍ୟ ସଂଖ୍ୟା, ବଜେଟ୍‌ରେ ପ୍ରସ୍ତୁତ ହୋଇଥିବା ସଭ୍ୟମାନଙ୍କ ସଂଖ୍ୟା ସହିତ ସମାନ ହେବା ଆବଶ୍ୟକ ।

**ବିଧି ନଂ ୩୩୪:** ମଜ୍‌ଲିସେ ଇନ୍‌ତିଖାବ୍ ତିନି ବର୍ଷ ସକାଶେ ବଳବତ୍ତର ରହିବ । ଏବଂ ଏହି ନିର୍ବାଚନ ସମିତିରେ ସଭ୍ୟମାନଙ୍କ ଚାନ୍ଦା, ସମସ୍ତ ଚାନ୍ଦା ପୈଠକାରୀ ସଭ୍ୟମାନଙ୍କ ତୁଳନାରେ ବର୍ଷ ସାରା ପୁରା ମାତ୍ରାରେ ଠିକ୍ ରଖିବା ପାଇଁ ବ୍ୟବସ୍ଥା କରିବା ହେଉଛି ପ୍ରତ୍ୟେକ ସ୍ଥାନୀୟ ଜମାଅତ ପକ୍ଷେ ଅନିବାର୍ଯ୍ୟ ।

ମଜ୍‌ଲିସେ ଇନ୍‌ତିଖାବ ବା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ପରିଷଦ ସଭ୍ୟମାନଙ୍କ ନାମ ମଞ୍ଜୁରୀ ସକାଶେ ହଜୁର ଅନ୍‌ଓ୍ୱରଙ୍କ ସମୀପରେ ଉପସ୍ଥାପନ କରାଯିବ । ଏବଂ ହଜୁରଙ୍କ ଅନୁମୋଦନ ପରେ ହିଁ ଅମିର ତଥା ଅନ୍ୟାନ୍ୟ ପଦାଧିକାରୀମାନଙ୍କର ନିର୍ବାଚନ କାର୍ଯ୍ୟକାରୀ ହେବ ।

**ବିଧି ନଂ ୩୩୬:** ମଜ୍‌ଲିସେ ଇନ୍‌ତିଖାବର ସଭ୍ୟମାନଙ୍କ ତାଲିକା ସହିତ ଯେଉଁ ବିବରଣୀ ନିଜାରତ ଉଲିୟା (କେନ୍ଦ୍ର ନିର୍ଦ୍ଦେଶାଳୟ, ମୁଖ୍ୟ ପ୍ରଶାସନ ବିଭାଗ, ଜମାଅତ ଅହମଦୀୟା ଭାରତ, କାଦିୟାନ୍)ଙ୍କ ନିକଟକୁ

ମଞ୍ଜୁରୀ ପାଇଁ ପଠାଇବେ । ସେଥିରେ ପ୍ରତ୍ୟେକ ସଭ୍ୟଙ୍କର ସମ୍ପୂର୍ଣ୍ଣ ଠିକଣା ସହିତ ସେମାନଙ୍କର ଦସ୍ତଖତ ବା ଟିପଚିହ୍ନ ଇତ୍ୟାଦି ଦେବା ଅତ୍ୟନ୍ତ ଜରୁରୀ ।

**ବିଧି ନଂ ୩୩୭:** ନିର୍ବାଚନ ପରିଷଦର ସଭାପତି ଓ ଏହାର ସଦସ୍ୟମାନଙ୍କ ଚୟନ ଉପସ୍ଥିତ ସଭ୍ୟମାନଙ୍କ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ହୋଇଥାଏ । କିନ୍ତୁ ଯଦି ନାଜିର ଆ'ଲାଙ୍କ ତରଫରୁ କୌଣସି ବ୍ୟକ୍ତିଙ୍କୁ ମଜ୍‌ଲିସ୍ ଇନ୍‌ତିଖାବ୍ ସକାଶେ ସଦର ରୂପେ ମନୋନୀତ କରାଯାଇଥିବ, ତା'ହେଲେ ନିର୍ବାଚନ କାର୍ଯ୍ୟ ତୁଲାଇବା ପାଇଁ ସେହି ବ୍ୟକ୍ତି ହିଁ ସଭାପତି ଦାୟିତ୍ୱ ନିର୍ବାହ କରିବେ ।

**ବିଧି ନଂ ୩୩୮ :** ଯଦି ମଜଲିସ୍ ଇନତିଖାବ୍‌ର କୌଣସି ସଦସ୍ୟଙ୍କ ମୃତ୍ୟୁ ହୋଇଯାଏ କିମ୍ବା ସ୍ଥାନ ପରିବର୍ତ୍ତନ ହୁଏ କିମ୍ବା ଅନ୍ୟାନ୍ୟ କୌଣସି କାରଣ ବଶତଃ ସେହି ସଭାରେ ଅନୁପସ୍ଥିତ ଥାଆନ୍ତି, ତା'ହେଲେ ଏହି ବିଷୟକୁ ନାଜିର ଆ'ଲାଙ୍କ ଦପ୍ତରକୁ ତୁରନ୍ତ ଜଣାଇ ଦେବା ଉଚିତ୍ । (ପରେ ନାଜିର ଆ'ଲାଙ୍କ ଅନୁମତି କ୍ରମେ ଅନୁପସ୍ଥିତ ସଭ୍ୟଙ୍କ ବଦଳରେ ଅନ୍ୟ ଜଣଙ୍କୁ ନିର୍ବାଚିତ କରି ତାଙ୍କଠାରୁ ମଞ୍ଜୁରୀ ନେବା ଆବଶ୍ୟକ ।

**ବିଧି ନଂ ୩୩୯ :** ମଜଲିସ୍ ଇନ୍‌ତିଖାବର ଯଦି ଅଧା ସଂଖ୍ୟକ ସଭ୍ୟ ମଧ୍ୟ ଉପସ୍ଥିତ ଅଛନ୍ତି, ତା'ହେଲେ ସେମାନଙ୍କର ନିର୍ବାଚନ ଭିତ୍ତିକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇପାରିବ ।

**ବିଧି ନଂ ୩୪୦ :** ଅମିରମାନଙ୍କ ନିର୍ବାଚନ ସମୟରେ ନିମ୍ନଲିଖିତ ବିଷୟ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ।

(କ) ଅମିର ପାଇଁ ଅନ୍ତତଃ ଚାରି ଜଣଙ୍କ ନାମର ପ୍ରସ୍ତାବ ଅଣାଯିବା ଦରକାର ।

(ଖ) ଯେଉଁ ସ୍ଥାନୀୟ ଅମିର କ୍ରମାଗତ ଭାବରେ ଦୁଇ ଥର ନିର୍ବାଚିତ ହୋଇଯାଇଥିବେ ତୃତୀୟ ଥର ପାଇଁ ତାଙ୍କର ନାମାଙ୍କନ ହୋଇପାରିବ ନାହିଁ । **(ବିଧି ନଂ ୩୦୮-A)**

(ଗ) ମଜଲିସ୍ ଇନ୍‌ତିଖାବ୍‌ର ପ୍ରତ୍ୟେକ ସଭ୍ୟଙ୍କୁ ତିନିଗୋଟି ଭୋଟ ଦେବାର ଅଧିକାର ଅଛି (ବରଂ ଜରୁରୀ ଅଟେ)।

(ଘ) ପ୍ରତ୍ୟେକ ଅମିର ପଦର ପ୍ରାର୍ଥୀ ପାଇଁ କରାଯାଉଥିବା ଭୋଟ୍‌ଦାନ ସମ୍ବନ୍ଧରେ ବିସ୍ତୃତ ବିବରଣୀର ଉଲ୍ଲେଖ ରହିବ ।

(ଙ) ପ୍ରତ୍ୟେକ ପ୍ରାର୍ଥୀଙ୍କର ଅହମଦୀୟା ଜମାଅତରେ ଦୀକ୍ଷିତ ହୋଇଥିବା ବର୍ଷ, ଶିକ୍ଷାଗତ ଯୋଗ୍ୟତା, ବୟସ, ବୃତ୍ତି ଓ ଅତୀତରେ ଜମାଅତ ପାଇଁ ସେବାମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ସମ୍ବନ୍ଧରେ ବିଶଦ ବିବରଣୀ ଲିଖିତ ଭାବେ ଉଲ୍ଲେଖ କରାଯିବା ଆବଶ୍ୟକ।

**ବିଧି ନଂ ୩୪୮:** ଅମିର ଓ ନାଏବ ଅମିରଙ୍କ ନିର୍ବାଚନ କିମ୍ବା ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ରୀୟ ମୁଖ୍ୟ ପ୍ରଶାସନଙ୍କ ମାରଫତ୍‌ରେ ଖଲିଫତୁଲ ମସିହଙ୍କ ଠାରୁ ମଞ୍ଜୁରୀ ହାସଲ କରିବାକୁ ହେବ।

(ଅର୍ଥାତ୍ ନିର୍ବାଚନ ପରିଷଦଙ୍କ ଦ୍ୱାରା ହେବାକୁ ଥିବା ଅମିର ଓ ନାଏବ ଅମିରଙ୍କ ନିର୍ବାଚନର ସ୍ୱୀକୃତି ଖଲିଫତୁଲ ମସିହ ପ୍ରଦାନ କରିବେ। ଅବଶିଷ୍ଟ ସମସ୍ତ କର୍ମକର୍ତ୍ତାଙ୍କ ମଞ୍ଜୁରୀ ମରକଜି ନିର୍ବାଚନ କମିଟି ତରଫରୁ ପ୍ରଦାନ କରାଯାଇଥାଏ। ଏହି ପ୍ରକାରର ସମସ୍ତ ସଦର (ସଭାପତି) ତଥା ଅନ୍ୟାନ୍ୟ ସ୍ଥାନୀୟ ମଜଲିସ୍ ଆମିଲାର କର୍ମକର୍ତ୍ତାଙ୍କ ମଞ୍ଜୁରୀ ମଧ୍ୟ ମରକଜି ନିର୍ବାଚନ କମିଟି ପ୍ରଦାନ କରି ଥାଆନ୍ତି।)

**ବିଧି ନଂ ୩୫୨:** ନିର୍ବାଚନ ପ୍ରକ୍ରିୟାର ବିବରଣୀ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ପଠାଇବା ସମୟରେ ଏ ବିଷୟ ସ୍ପଷ୍ଟ ରୂପେ ଜଣାଇବାକୁ ହେବ ଯେ ସେହି ଶାଖାରେ ବିଧି ଅନୁଯାୟୀ କେତେ ଲୋକ ଭୋଟ ଦେବା ପାଇଁ ଯୋଗ୍ୟ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣ ନିର୍ବାଚନ ବେଳେ ଉପସ୍ଥିତ ଥିଲେ।

**ବିଧି ନଂ ୩୫୩:** ନିର୍ବାଚିତ ପ୍ରାର୍ଥୀ ତାଲିକାରେ ସଭାରେ ଅଧ୍ୟକ୍ଷତା କରୁଥିବା ସଭାପତିଙ୍କ ବ୍ୟତୀତ ଦୁଇ ଜଣ ଏପରି ବ୍ୟକ୍ତିଙ୍କ ଦସ୍ତଖତ ରହିବା ଜରୁରୀ, ଯେଉଁମାନଙ୍କ ନାମ ପ୍ରାର୍ଥୀ ହେବା ପାଇଁ ଉପସ୍ଥାପନ କରାଯାଇ ନଥିବ, କିନ୍ତୁ ସେ ଦୁହେଁ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଉପସ୍ଥିତ

ରହିଥିବେ ।

**ବିଧି ନଂ ୩୭୧:** ସମସ୍ତ ସ୍ଥାନୀୟ କର୍ମକର୍ତ୍ତା ଓ ଅମିରମାନଙ୍କର ନିର୍ବାଚନରେ ସାମିଲ ଥିବା କାଦିୟାନ ଅମିର ମୁକାମି ଯାହାଙ୍କୁ ହଜରତ ଖଲିଫତୁଲ ମସିହ କେବେ ନିଜ ଅନୁପସ୍ଥିତିରେ ନିଯୁକ୍ତ କରନ୍ତି, ସେମାନଙ୍କ ନିଜ ନିଜ ହଲ୍କା (ପରିସର) ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଦର ଅଞ୍ଜୁମନର ବିଭାଗୀୟ ସଚିବମାନଙ୍କର ନିର୍ଦ୍ଦେଶରେ ପରିଚାଳିତ ହେବ । ପ୍ରତ୍ୟେକ ନାଜର(ସଚିବ)ଙ୍କର ସ୍ଥାନୀୟ ଜମାଅତର ସଂପୃକ୍ତ ବିଭାଗର ରେକର୍ଡ଼ ପତ୍ର ଯାଞ୍ଚ ପରଖ କରିବାର ଅଧିକାର ରହିବ । ଏହା ମଧ୍ୟ ସେମାନଙ୍କୁ କ୍ଷମତା ଦିଆଯିବ ଯେ ଆବଶ୍ୟକ ପଡିଲେ କୌଣସି ନଥିପତ୍ରକୁ କାଦିୟାନ କିମ୍ବା ଅନ୍ୟ କୌଣସି ସ୍ଥାନକୁ ମଗାଇ ପରୀକ୍ଷା କରିପାରିବେ ।

**ବିଧି ନଂ ୩୭୩:** ସ୍ଥାନୀୟ ଜମାଅତର କୌଣସି ସଭ୍ୟ ଯଦି ସ୍ଥାନୀୟ ଅମିରଙ୍କର କୌଣସି ନିଷ୍ପତ୍ତି ବା ଆଦେଶ ବା କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ କିଛି ଅଭିଯୋଗ କରନ୍ତି, ତା'ହେଲେ ସେ ମରକଜ୍‌ରେ ଅପିଲ୍ କରି ପାରିବେ । ଏବଂ କେନ୍ଦ୍ର ପ୍ରଶାସନର ନିଷ୍ପତ୍ତିକୁ ସ୍ଥାନୀୟ ଅମିର ବା ଜମାଅତର ପଦସ୍ଥ କର୍ମକର୍ତ୍ତାଙ୍କ ପାଇଁ ପାଳନ କରିବା ଅପରିହାର୍ଯ୍ୟ । ସେହି ଅପିଲ ସ୍ଥାନୀୟ ଅମିରଙ୍କ ଜରିଆରେ ହିଁ କେନ୍ଦ୍ରକୁ ପଠାଯିବ । ଯାହାକୁ ସେ ନିଜ ମନ୍ତବ୍ୟ ସହିତ ସାତ ଦିନ ମଧ୍ୟରେ ମରକଜ୍ ପଠାଇବେ । ଯେ ପର୍ଯ୍ୟନ୍ତ ଅପିଲ୍‌ର ନିଷ୍ପତ୍ତି ନ ହୋଇଛି, ବିଚାରାଧୀନ ଅପିଲ୍ ପାଇଁ ଲାଗୁ କରାଯାଇ ଥିବା ଆଦେଶକୁ ପାଳନୀୟ ବୋଲି ଧରି ନେବାକୁ ହେବ । ଶେଷ ନିଷ୍ପତ୍ତି ଦେବା ପୂର୍ବରୁ ଏହି ଅନ୍ତରୀଣ ଆଦେଶକୁ ମରକଜ୍ ମଧ୍ୟ ବାତିଲ୍ କରିପାରିବ କିମ୍ବା ଅଟକାଇ ରଖିପାରିବେ ।

**ବିଧି ନଂ ୩୭୪:** (କ) ଯେହେତୁ ସ୍ଥାନୀୟ ଅମିର ସେହି ଜମାଅତ ଶେଷ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି, ସେଥିପାଇଁ ତାଙ୍କ ଅଧିକାର ରହିଛି ଯେ କୌଣସି ରାୟରେ ମତଭେଦ ସୃଷ୍ଟି ହେଲେ ଏହି ବିଷୟ ଯେତେବେଳେ ଜମାଅତର କୌଣସି ଲାଭ ନ କରି କ୍ଷତି ପହଞ୍ଚାଇବ ଏବଂ ବିଧି ବ୍ୟବସ୍ଥାରେ ଶାନ୍ତି ଭଙ୍ଗ

ହେଉଥିବାର ଆଶଙ୍କା ଦେଖାଦେବ, ସେତେବେଳେ ସ୍ଥାନୀୟ ଅମିର ନିଜ କ୍ଷମତା ପ୍ରୟୋଗ କରି ସଂଖ୍ୟା ଗରିଷ୍ଠ ମତକୁ ରଦ୍ଦ କରି ଦେଇ ପାରିବେ । ଏପରି ସ୍ଥିତିରେ ସେ ଏକ ରେଜିଷ୍ଟରରେ ନିଜ ଭିତରେ ହୋଇଥିବା ମତଭେଦର କାରଣ ଲିଖିତ ଆକାରରେ ଲିପିବଦ୍ଧ କରି ରଖିବେ, ଯାହା ଜମାଅତର ଏକ ସ୍ଥାୟୀ ରେକର୍ଡ଼ ହୋଇ ରହିବ । ଯଦି ଏହାକୁ ରେଜିଷ୍ଟରରେ ଲେଖିବା ଦ୍ୱାରା ତାହା ଜମାଅତର ହିତ ବିରୁଦ୍ଧରେ ଯାଉଥିବାର ସେ ଅନୁଭବ କରନ୍ତି, ତା'ହେଲେ କେବଳ ଏତିକି ମାତ୍ର ନୋଟ୍ ଲେଖି ଦେବେ ଯେ ଏସବୁ କାରଣକୁ ବର୍ଣ୍ଣନା କରାଗଲେ ତାହା ଜମାଅତ ପାଇଁ କୌଣସି ଫଳପ୍ରଦ ହେବ ନାହିଁ । ତେଣୁ ମୁଁ ବହୁମତ ଥିବା ଏହି ରାୟ ବିରୁଦ୍ଧରେ ନିଜର ନିଷ୍ପତ୍ତି ଦେଉଛି ।

(ଖ) ଏପରି ଶେଷ ବିବୃତ୍ତି ଦେବା ପରିପ୍ରେକ୍ଷୀରେ ସ୍ଥାନୀୟ ଅମିର ନିଜର ବିରୁଦ୍ଧ ମତକୁ ଉଲ୍ଲେଖ କରି ଏହାର ଗୂଢ଼ଭେଦ କେନ୍ଦ୍ରୀୟ ଅଫିସ୍‌କୁ ପଠାଇବା ତାଙ୍କର କର୍ତ୍ତବ୍ୟ ହେବ । ଏହି ଚୂଡାନ୍ତ ରିପୋର୍ଟ ଏକ ସପ୍ତାହ ମଧ୍ୟରେ ପଠାଇବା ଜରୁରୀ । ଏବଂ ଏହାପରେ ନିଜର ମଜଲିସ୍ ଆମିଲାକୁ ଲିଖିତ ଭାବେ ଜଣାଇ ଦେବା ତାଙ୍କର କର୍ତ୍ତବ୍ୟ ହେବ ଯେ ସେ ଏହିପରି ରିପୋର୍ଟ ଦେଇଛନ୍ତି ।

**ବିଧି ନଂ ୩୭୬:** ମରକଜ୍‌ରେ ଥିବା କେନ୍ଦ୍ରୀୟ ପ୍ରଶାସନ ନିର୍ଦ୍ଦେଶାଳୟ (ନିଜାରତ ଉଲିୟା)ର ପ୍ରତ୍ୟେକ ନିଷ୍ପତ୍ତି ବିରୁଦ୍ଧରେ ପ୍ରତ୍ୟେକ ସ୍ଥାନୀୟ ସଂଗଠନର ବ୍ୟବସ୍ଥା କିମ୍ବା ହଲ୍‌କା(ମଣ୍ଡଳ) ସ୍ତରରେ, ଆଞ୍ଚଳିକ ସ୍ତରରେ, ଜିଲ୍ଲା ସ୍ତରରେ, ରାଜ୍ୟ ସ୍ତରରେ ଅଥବା ଜାତୀୟ ସ୍ତରରେ ରହିଥିବା ପ୍ରଶାସନିକ ବ୍ୟବସ୍ଥା ଆମର ସର୍ବୋଚ୍ଚ ମୁଖ୍ୟ ଖଲିଫତୁଲ ମସିହଙ୍କ ସମ୍ମୁଖରେ ପ୍ରତିବାଦ ବା ଅପିଲ୍ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି ।

**ବିଧି ନଂ ୩୭୭:** ଏହିସବୁ ପ୍ରସଙ୍ଗ ଯାହା ଜମାଅତର ସାମୂହିକ କଲ୍ୟାଣ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବ, ତା' ହେଲେ ସ୍ଥାନୀୟ ଅମିର / ସଦର ନିଜର ସ୍ଥାନୀୟ 'ଜେଲି ତନ୍‌ଜିମ୍' (ସହାୟକ ସଂଗଠନ)ଗୁଡିକୁ ଆଦେଶ ଦେବାର ଅଧିକାର ରହିଛି । ଏହା ଲିଖିତ ଆକାରରେ ଦେବା ଉଚିତ୍

ଓ ସମ୍ପୃକ୍ତ ତନ୍‌ଜିମ୍‌ଗୁଡିକ ଯଦି ଏହି ଆଦେଶକୁ ଉଚିତ ଭାବୁ ନଥାନ୍ତି, ତା'ହେଲେ କେନ୍ଦ୍ରୀୟ ମଜଲିସ୍ ମାଧ୍ୟମରେ ସଦର ଅଞ୍ଜୁମନ୍ ଅହମଦୀୟା (କେନ୍ଦ୍ରୀୟ ପ୍ରଶାସନ ଅଧ୍ୟକ୍ଷ)ଙ୍କର ଧ୍ୟାନ ଆକର୍ଷଣ କରିପାରିବେ ।

## ଶାଖା ଜମାଅତର ପଦାଧିକାରୀ ତଥା 'ମଜଲିସ୍ ଆମିଲା'ଙ୍କ ଦାୟୀତ୍ୱ

ହଜରତ ମସିହ ମଉଦ[ଅସ]ଙ୍କ ପଞ୍ଚମ ଖଲିଫା[ଅବ] କୁହନ୍ତି:

"....... ପୁଣି ଥରେ ଅଲ୍ଲାଃତାଲା ନିର୍ବାଚିତ ପଦାଧିକାରୀଙ୍କ ସକାଶେ ଦାୟିତ୍ୱ ଅର୍ପଣ କରିଛନ୍ତି । ଯଦି ତୁମ୍ଭେମାନେ ଥରେ ନିର୍ବାଚିତ ହୋଇଗଲ, ତା'ପରେ ତୁମେ ଏହି ପଦକୁ ନିଜ ଜାତି ପାଇଁ ସ୍ୱାଭିମାନର ଟେକ ବୋଲି ବୁଝ ଓ ଏହାର କର୍ତ୍ତବ୍ୟ ପାଳନ କରିବା ପ୍ରତି ସଚେତନ ରୁହ । ନିଜର ସମସ୍ତ ଶକ୍ତି ଖଟାଇ ଦାୟିତ୍ୱ ନିର୍ବାହ କର ଓ ଏଥିପାଇଁ ନିଜର ବହୁମୂଲ୍ୟ ସମୟକୁ ଜମାଅତର ବିକାଶ ପାଇଁ ପ୍ରଦାନ କର ତଥା ନୂତନ ପ୍ରଗତି ମାର୍ଗ ଅନ୍ୱେଷଣ କର । ତୁମର ସମସ୍ତ କାର୍ଯ୍ୟ ତଥା ନିଷ୍ପତ୍ତି ଆଦି ନ୍ୟାୟ ଉପରେ ଆଧାରିତ ହେବା ଆବଶ୍ୟକ । ତୁମ ଅହଂଭାବ କିମ୍ବା ତୁମ ଜ୍ଞାତିକୁଟୁମ୍ବ ବା ସାଙ୍ଗସାଥୀମାନଙ୍କ ସହିତ ରହିଥିବା ସମ୍ପର୍କ ତୁମକୁ କସ୍ମିନ୍ କାଳେ ନ୍ୟାୟପଥରୁ ବିଚ୍ୟୁତ ନକରୁ ।

କୌଣସି ପଦାଧିକାରୀଙ୍କ ମନରେ ଏହି କଥା ନଆସୁ ଯେ ଅମୁକ ଲୋକ ମୋତେ ସେଦିନ ଭୋଟ ଦେଇ ନଥିଲା କିମ୍ବା ସମୁକଙ୍କ ନାମ ମୋ ବିପକ୍ଷରେ ପ୍ରାର୍ଥୀ କରି ଠିଆ କରାଯାଇ ଥିଲା । ଯେହେତୁ ମୋତେ ତାକୁ ହାଇରାଣ କରିବା ସକାଶେ ଆଜି ମୌକା ମିଳି ଯାଇଛି, ତେଣୁ ମୁଁ ଏହି ଅବସରରୁ ଫାଇଦା ଉଠାଇବି । କିନ୍ତୁ ଏହା ଏକ ବିଶ୍ୱାସକାରୀଙ୍କ ମହତପଣିଆ କଦାପି ନୁହେଁ । ବରଂ ଏହି ଚିନ୍ତାଧାରା ଅତ୍ୟନ୍ତ ନିଚ ପ୍ରକୃତିଗତ କାର୍ଯ୍ୟକଳାପ ।"

ସାରା ପୃଥିବୀରେ ପ୍ରତ୍ୟେକ ସ୍ଥାନର ଜମାଅତ ଅହମଦୀୟାର ପଦବୀଧାରୀ କର୍ମକର୍ତ୍ତାଙ୍କ ମଧ୍ୟ ଦାୟିତ୍ୱ ହେଉଛି ଯେ ସେମାନେ ମୁବଲ୍ଲିଗିନ୍ (ଧର୍ମ ପ୍ରଚାରକମାନଙ୍କ) ଏବଂ ଓ୍ୟାକିଫିନ୍ (ଉତ୍ସର୍ଗୀକୃତ) ବ୍ୟକ୍ତିମାନଙ୍କର ଆଦର ସମ୍ମାନ କରିବେ ଏବଂ ସେମାନଙ୍କର ଗାରିମାକୁ ନିଜ ହୃଦୟରେ ବହନ କରିବା ସଙ୍ଗେ ସଙ୍ଗେ ଅନ୍ୟ ଲୋକମାନଙ୍କ ମଧ୍ୟରେ ସେହି ପ୍ରକାର ଭାବ ସୃଷ୍ଟି କରିବେ । ନିଜର ସାମର୍ଥ୍ୟ ଅନୁସାରେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ପ୍ରୟାସ କରିବେ । ସେମାନଙ୍କୁ ସବୁ ପ୍ରକାର ସୁଖ ସୁବିଧା ପ୍ରଦାନ କରିବା ହେଉଛି ଜମାଅତର କର୍ମକର୍ତ୍ତାଙ୍କ କର୍ତ୍ତବ୍ୟ । ଯାହା ଫଳରେ ଏମାନେ ସମସ୍ତେ ଏକଜୁଟ ହୋଇ ସଂପ୍ରଦାୟର ସାଂଗଠନିକ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିପାରିବେ ଏବଂ ନିଜ କର୍ତ୍ତବ୍ୟରେ ଯେମିତି କୌଣସି ସମସ୍ୟା ନ ଉପୁଜିବ, ସେଥିପ୍ରତି ଦୃଷ୍ଟି ଦେବେ । ଯଦି ମୁବଲିଗ୍ ଓ ମୁରବିମାନଙ୍କୁ ସମ୍ମାନ ନ ଦିଆଯାଏ ତାହାହେଲେ ଭବିଷ୍ୟତ ପିଢି ସକାଶେ ଆପଣ କୌଣସି ମୁରବି(ମୁଖିଆ) ତଥା ଉତ୍ସର୍ଗୀକୃତ ସେବକ (ଓ୍ୟାକିଫେନ୍)ମାନଙ୍କୁ ଖୋଜି ପାଇ ପାରିବେ ନାହିଁ । ଏହା ଅଲ୍ଲାଃଙ୍କ ଏକ ବିଶେଷ କୃପା ଯେ ହଜରତ ଖଲିଫତୁଲ ମସିହ ଚତୁର୍ଥ[ରଅ]ଙ୍କ ଦ୍ୱାରା ପ୍ରଣୀତ ତହେରିକ୍ ଓ୍ୟାକ୍‌ଫିନ୍ ନୌ (ସନ୍ତାନ ଉତ୍ସର୍ଗ ଯୋଜନା) ମାଧ୍ୟମରେ ବହୁ ସଂଖ୍ୟକ ବାଳକ ବାଳିକାମାନେ ଏହି କ୍ଷେତ୍ରରେ ଆଗେଇ ଆସୁଛନ୍ତି ।

**(ଖୁତବା ଜୁମା, ଡ଼ିସେମ୍ବର ୩୧, ୨୦୦୪)**

# ଅମିର ଓ ସଦରମାନଙ୍କ କ୍ଷମତା ତଥା କର୍ତ୍ତବ୍ୟ

ଜମାଅତ୍ ମଧ୍ୟରେ ସ୍ନେହ, ପ୍ରେମ, ଏକତା ତଥା ଭାଇଚାରାର ପରିବେଶ ସୃଷ୍ଟି କରିବା ପାଇଁ ଜମାଅତର ଅମିର ଓ ସଦରମାନେ ଯତ୍‌ପରୋନାସ୍ତି ଚେଷ୍ଟା କରିବା ଉଚିତ । ଜମାଅତ୍‌ର ପ୍ରତ୍ୟେକ କର୍ମକର୍ତ୍ତାଙ୍କ କାର୍ଯ୍ୟର ସମୀକ୍ଷା କରିବା, ତାଙ୍କର ମାର୍ଗଦର୍ଶନ କରିବା ବ୍ୟତୀତ ପ୍ରତ୍ୟେକ ମାସରେ ଅନ୍ତତଃ ଥରେ ମଜଲିସ୍ ଆମିଲାର ସଭା ଡ଼କାଇ ମାସିକ କାର୍ଯ୍ୟଧାରାର ସମୀକ୍ଷା କରିବା ଅମିର ଓ ସଦରମାନଙ୍କ ଦାୟିତ୍ୱ । ସେମାନେ ଜମାଅତର ସ୍ତ୍ରୀ ପୁରୁଷ ଓ ପିଲାମାନଙ୍କୁ ମିଶାଇ ସର୍ବମୋଟ କେତେ ସଂଖ୍ୟକ ସଭ୍ୟ / ସଭ୍ୟା ଅଛନ୍ତି, ତାହା ମନେ ରଖିବାକୁ ହେବ ଏବଂ ସେଥିରୁ କେତେ ଜଣ ଚାନ୍ଦା ପୈଠକାରୀ ବ୍ୟକ୍ତି ଅଛନ୍ତି, କେତେ ଜଣ ଲୋକ ଜମାଅତର ସଭ୍ୟ ଥାଇ ମଧ୍ୟ ଚାନ୍ଦା ଦେଉ ନାହାନ୍ତି ଇତ୍ୟାଦି । ତା'ଛଡ଼ା ଜମାଅତର ସଭ୍ୟମାନଙ୍କ ମଧ୍ୟରେ ରୋଜଗାରକ୍ଷମ ବ୍ୟକ୍ତି କେତେଜଣ ଅଛନ୍ତି, କେତେଜଣ ସୁଚାରୁ ରୂପେ ନମାଜ ପାଠ କରୁଛନ୍ତି ଓ ଜମାଅତର ବ୍ୟବସ୍ଥା ସହିତ ଜଡ଼ିତ ଅଛନ୍ତି ଇତ୍ୟାଦି । ଯଦି ଏହି ବିଷୟରେ କେହି ଅବହେଳା ପ୍ରଦର୍ଶନ କରୁଛନ୍ତି କିମ୍ୱା ଦୁର୍ବଳତା ପ୍ରକାଶ କରୁଛନ୍ତି ତା'ହେଲେ ସେମାନଙ୍କୁ ଚିହ୍ନଟ କରି ସେମାନଙ୍କର ସଂସ୍କାର ପ୍ରତି ଧ୍ୟାନ ଦେବା ମଧ୍ୟ ଅମିର ଏବଂ ସଦରମାନଙ୍କ ଦାୟିତ୍ୱ । ଅନ୍ୟାନ୍ୟ ଯେଉଁ ପଦାଧିକାରୀ ମାନେ ବିଭିନ୍ନ ଦାୟିତ୍ୱ ସହିତ ସଂଶ୍ଳିଷ୍ଟ ଅଛନ୍ତି, ସେମାନଙ୍କ ଠାରୁ ସହଯୋଗ ପ୍ରାପ୍ତ କରିବା ପାଇଁ ଅମିର ଓ ସଦରମାନେ ମଧ୍ୟ ପ୍ରୟାସ କରିବା ଉଚିତ । ଏଥିପାଇଁ ନିମ୍ନଲିଖିତ ନିୟମାବଳୀକୁ ଦୃଷ୍ଟିରେ ରଖିବା ଆବଶ୍ୟକ ।

**(1) ବିଧି ନଂ ୩୬୬:** ଅମିର କିମ୍ୱା ସଦର ଏପରିକି ସ୍ଥାନୀୟ ଅମିର ତଥା ସଦରମାନଙ୍କ ଦାୟିତ୍ୱ ହେଉଛି ଯେ ସେମାନେ ଖଲିଫତୁଲ ମସିହଙ୍କ ପ୍ରତିନିଧି ହିସାବରେ ନିଜ ନିଜ ଅଞ୍ଚଳର ଅହମଦୀମାନଙ୍କ ଆଧ୍ୟାତ୍ମିକ, ଚାରିତ୍ରିକ, ପ୍ରଚାର ଭିତ୍ତିକ, ଅର୍ଥନୈତିକ, ସାମାଜିକ ଓ ଶାରୀରିକ ଅଭିବୃଦ୍ଧି ନିମନ୍ତେ ଯତ୍ନବାନ ହେବା ଉଚିତ ତଥା ଜମାଅତର ପ୍ରଗତି ନିମନ୍ତେ ବିଚାର ବିମର୍ଷ କରିବା ସହିତ ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ ।

**(2) ବିଧି ନଂ ୩୬୭ :** ଯେହେତୁ ଅମିର (କିମ୍ବା ସଦର)ମାନେ ଜମାଅତର ସର୍ବୋଚ୍ଚ ଓ ସର୍ବଶେଷ ଦାୟୀତ୍ୱ ସମ୍ପନ୍ନ ଅଧିକାରୀ ହୋଇଥାଆନ୍ତି, ତେଣୁ ସେମାନଙ୍କୁ ନିଜ ଅଞ୍ଚଳରେ ଥିବା ସଭ୍ୟମାନଙ୍କ ସମକ୍ଷରେ ଏକ ଅତି ଭଦ୍ର ମାର୍ଜିତ ଓ ପୁଣ୍ୟବାନ ବ୍ୟକ୍ତିତ୍ୱର ନମୁନା ଦେଖାଇବା ପାଇଁ ପ୍ରୟାସ କରିବା ଉଚିତ୍ । ନିଜର ଚଲିଚଳନ ଦ୍ୱାରା ଲୋକମାନଙ୍କ ସହିତ ଏକ ସହୃଦୟ ଭିତ୍ତିକ ନ୍ୟାୟବନ୍ତ, ସ୍ନେହଶୀଳ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବା ଦ୍ୱାରା ଆପେ ଆପେ ସେମାନଙ୍କର ନିକଟବର୍ତ୍ତୀ ହୋଇପାରିବେ । ଏବଂ କୌଣସି ବିବାଦର ନିଷ୍ପତ୍ତି ସମୟରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ସହିତ ପକ୍ଷପାତ କରିବା ଅନୁଚିତ ।

**(3) ବିଧି ନଂ ୩୬୮ :** ସ୍ଥାନୀୟ ଅମିର (କିମ୍ବା ସଦର)ମାନେ ଜମାଅତର ସମସ୍ୟା ସମ୍ପର୍କୀୟ ଆଲୋଚନାରେ ଭାଗ ନେଲାବେଳେ ଅନ୍ୟାନ୍ୟ ସଭ୍ୟମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ଉଚିତ ଏବଂ ବହୁମତକୁ ଆପାତତଃ ସମ୍ମାନ ଦେବା ଉଚିତ । ଛୋଟ ଛୋଟ ବିବାଦ ଓ ମତ ପାର୍ଥକ୍ୟକୁ ଭିତ୍ତି କରି ବହୁମତକୁ ରଦ୍ଦ କରିବା ସକାଶେ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ । ବରଂ ଅମିର ଓ ସଦରମାନେ ସଭାକାର୍ଯ୍ୟକୁ ଏପରି ଭାବେ ନିୟନ୍ତ୍ରଣ ତଥା ପରିଚାଳନା କରିବେ, ଯେପରି କୌଣସି ନିଷ୍ପତ୍ତି କିମ୍ବା ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇପାରିବ ।

**ଅମିର ଓ ସଦରମାନଙ୍କ କ୍ଷମତା ତଥା ପଦ ସମ୍ପର୍କୀୟ ସବିଶେଷ ତଥ୍ୟ:**

**(4) ବିଧି ନଂ ୩୬୯ :** ସ୍ଥାନୀୟ ଅମିର ଓ ସ୍ଥାନୀୟ ସଦରମାନଙ୍କ ମଧ୍ୟରେ କ୍ଷମତାଗତ ପାର୍ଥକ୍ୟ ହେଉଛି କୌଣସି ଅମିର ସ୍ଥାନୀୟ ଜମାଅତର ସମସ୍ତ ନିଷ୍ପତ୍ତି ତଥା ପ୍ରସ୍ତାବ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି । ଅର୍ଥାତ୍ ଘଟଣା ସୂତ୍ରରେ ଜମାଅତର ହିତାକାଂକ୍ଷୀ ହିସାବରେ ଜମାଅତର କ୍ଷତିକୁ ଏଡ଼ାଇବା ପାଇଁ ସ୍ଥାନୀୟ ଜମାଅତର ନିଷ୍ପତ୍ତିକୁ ଲିଖିତ ଭାବେ ଉପଯୁକ୍ତ କାରଣ ଦର୍ଶାଇ ସେ ରଦ୍ଦ କରି ଦେଇ ପାରନ୍ତି । କିନ୍ତୁ ସଦରଙ୍କୁ ସ୍ଥାନୀୟ ଜମାଅତର ସାମୂହିକ ନିଷ୍ପତ୍ତିକୁ ମାନି ନେବାକୁ ପଡ଼ିବ । ସେ ଯାହା ହେଉନା କାହିଁକି, ଅମିର ଓ

ସଦର ଉଭୟ ପଦାଧିକାରୀ କେନ୍ଦ୍ରୀୟ ନିର୍ଦ୍ଦେଶକୁ ଅବଶ୍ୟ ପାଳନ କରିବାକୁ ବାଧ୍ୟ ହେବେ ।

**(5) ବିଧି ନଂ ୩୭୦:** ମଜଲିସ୍ ଆମିଲାକୁ କୌଣସି ସଭ୍ୟଙ୍କ ବିରୁଦ୍ଧରେ ଶାସ୍ତି ଦେବାର କ୍ଷମତା ନାହିଁ । ଅବଶ୍ୟ ଯଦି କୌଣସି ସଭା ପ୍ରଶାସନର ବିରୁଦ୍ଧାଚରଣ କରୁଛନ୍ତି, ତା'ହେଲେ ମଜଲିସ୍ ଆମିଲା ସେହି ସଭ୍ୟଙ୍କର ବିଶୃଙ୍ଖଳ ଆଚରଣର ସଂଶୋଧନ ନିମନ୍ତେ ଉଦ୍ୟମ କରିବା ଅବଶ୍ୟକ । ଯଦି ଏହି ସଂଶୋଧନ ପ୍ରୟାସରେ ସ୍ଥାନୀୟ ଜମାଅତ ବିଫଳ ହୁଏ, ତା'ହେଲେ ସେ ବିଷୟରେ କେନ୍ଦ୍ରକୁ ଜଣାଇ ଦେବା ଉଚିତ । ମଜଲିସ୍ ଆମିଲାକୁ ଅଯଥା ଅଧିକ ହସ୍ତକ୍ଷେପ କରି ନ୍ୟାୟ ଦେବାର ଅଧିକାର ନାହିଁ ।

**(6) ବିଧି ନଂ ୩୦୩:** ପ୍ରତ୍ୟେକ ସ୍ଥାନୀୟ ଜମାଅତର ଏହା କର୍ତ୍ତବ୍ୟ ହେବ ଯେ କେନ୍ଦ୍ର ମନ୍ତ୍ରଣାଳୟ ପକ୍ଷରୁ ଯଦି କୌଣସି ନାଜର ବା ସଚିବ ସ୍ତରୀୟ ଅଧିକାରୀ ତାଙ୍କ ଅଞ୍ଚଳକୁ ଗସ୍ତରେ ଆସିଛନ୍ତି, ତା'ହେଲେ ସେହି ଅଧିକାରୀଙ୍କୁ ଖଲିଫତୁଲ ମସିହଙ୍କ ପ୍ରତିନିଧି ଭାବରେ ଉପଯୁକ୍ତ ସମ୍ମାନ ଦିଆଯାଇ ତାଙ୍କୁ ସବୁ ପ୍ରକାର ସହଯୋଗ ଓ ଜରୁରୀ ବ୍ୟବସ୍ଥାର ବନ୍ଦୋବସ୍ତ କରାଯିବା ଉଚିତ୍ ।

**(7) ବିଧି ନଂ ୩୦୫:** ଯଦି କୌଣସି ଜମାଅତରେ କୌଣସି ବିଭାଗରେ ପଦ ଖାଲି ଅଛି, ତା'ହେଲେ ସେହି ବିଭାଗର କାର୍ଯ୍ୟ ସ୍ୱୟଂ ଅମିର କିମ୍ବା ସଦର ତୁଲାଇବେ ।

# ଜମାଅତର ବିଭିନ୍ନ ପ୍ରସଙ୍ଗରେ ପଦାଧିକାରୀ ପାଇଁ ରହିଥିବା କର୍ତ୍ତବ୍ୟ

## ନାଏବ ଅମିର ଓ ନାଏବ ସଦର (ସହାୟକ ଅମିର / ସଦର)

ନାଏବ ଅମିର ଓ ନାଏବ ସଦର କୌଣସି ଅମିର ଓ ସଦରମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ସହାୟକ ଭାବେ ନିଯୁକ୍ତି ପାଇ ଥାଆନ୍ତି । ଏବଂ ଅମିର ତଥା ସଦରମାନଙ୍କ ଅନୁପସ୍ଥିତିରେ ଜମାଅତର କାର୍ଯ୍ୟକୁ ସଂପୂର୍ଣ୍ଣ ନିଷ୍ଠା ଓ ଦାୟିତ୍ୱ ସହିତ ତୁଲାଇ ଥାଆନ୍ତି ।

## ଜେନେରାଲ୍ ସେକ୍ରେଟାରୀ (ସାଧାରଣ ସଂପାଦକ)

ଯେଉଁ ବଡ ବଡ ଜମାଅତରେ ନାଏବ ଅମିର କିମ୍ବା ନାଏବ ସଦର ନାହାନ୍ତି, ସେଠାକାର ଜେନେରାଲ୍ ସେକ୍ରେଟାରୀ ପଦରେ ଜଣେ ସଭ୍ୟଙ୍କର ନିର୍ବାଚନ ତଥା ନିଯୁକ୍ତି ହୋଇଥାଏ । ତାଙ୍କ କାର୍ଯ୍ୟ ଅବିକଳ ଭାବେ ନାଏବ ଅମିର କିମ୍ବା ନାଏବ ସଦରଙ୍କ ସଦୃଶ । ଅମିର ଓ ସଦରଙ୍କ ସହାୟକ ଭାବେ ସାଧାରଣ ସମ୍ପାଦକ କାମ କରନ୍ତି । ଜେନେରାଲ୍ ସେକ୍ରେଟାରୀଙ୍କ ନିଜସ୍ୱ କାର୍ଯ୍ୟ କେବଳ ଏତିକି ଯେ ଅଯଥାରେ ଅନ୍ୟାନ୍ୟ ବିଭାଗରେ ନିଯୁକ୍ତ ସେକ୍ରେଟାରୀମାନଙ୍କ ଉପସ୍ଥିତିରେ ସେମାନଙ୍କ କାମରେ କୌଣସି ହସ୍ତକ୍ଷେପ କରିବେ ନାହିଁ ।

## ସେକ୍ରେଟାରୀ ଇସ୍‌ଲାହ ଓ ଇର୍‌ଶାଦ୍ (ସଂସ୍କାର ଓ ସଞ୍ଚାଳନ ସମ୍ପାଦକ)

ଏହି ବିଭାଗର ସମ୍ପାଦକ ନଜାରତ୍ ଇସ୍‌ଲାହ ଓ ଇର୍‌ଶାଦ୍ ଏବଂ ନିଜାମତେ ୱକ୍‌ଫେ ଯଦିଦ୍ ନାମକ ଦୁଇଟି ବିଭାଗ ତରଫରୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଅନୁସାରେ କାର୍ଯ୍ୟ କରିବେ ।

ଜମାଅତରେ ପବିତ୍ର କୁରଆନ୍ ପୁସ୍ତକରୁ ପ୍ରବଚନ (ଦର୍‌ସ), ହଜରତ ମୁହମ୍ମଦ[ସଅ] ଙ୍କ ମୁଖ ନିଃସୃତ ବାଣୀ ବା ହଦିସ୍, ହଜରତ ମସିହ ମଉଦ[ଅସ]ଙ୍କ ଅମୃତବାଣୀ (ମଲ୍‌ଫୁଜାତ) ଆଦି ଶୁଣାଇବାର ବ୍ୟବସ୍ଥା କରିବା । ତରବିୟତି ଜଲ୍‌ସା (ପ୍ରଶିକ୍ଷଣ ସଭା)ର ଆୟୋଜନ କରିବା । (ଯେପରିକି ପ୍ରତ୍ୟେକ ମାସରେ ଗୋଟିଏ ଲେଖାଏଁ ଏଭଳି ସମାବେଶର ଆୟୋଜନ ପ୍ରତ୍ୟେକ

ସ୍ଥାନୀୟ ଜମାଅତରେ ହେବା ଉଚିତ) । ନମାଜ ଏବଂ ରୋଜା ପାଇଁ ପ୍ରୋତ୍ସାହିତ କରିବା ତଥା ଅପସଂସ୍କୃତି (ବଦ୍ ରସୁମ୍)କୁ ଦୂର କରିବା ପାଇଁ ପ୍ରୟାସ କରିବା । ପରସ୍ପର ବିରୋଧି ସମସ୍ୟାଗୁଡିକୁ ଚିହ୍ନଟ କରି ଜମାଅତର ସଭ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ତଥା ପ୍ରକୃତ ସତ୍‌ମାର୍ଗ ଦର୍ଶନ କରାଇବା ଇତ୍ୟାଦି କାର୍ଯ୍ୟ ବ୍ୟତୀତ ଜମାଅତର ଘରେ ଘରେ M.T.A. Dish ଲଗାଇବା କାର୍ଯ୍ୟ ଓ ଜମାଅତର ସଭ୍ୟମାନଙ୍କୁ ତଥା ଅନ୍ୟାନ୍ୟ ଅଣ ଅହମଦି ଅତିଥିମାନଙ୍କୁ କାର୍ଯ୍ୟକ୍ରମର ଧାରା ବିବରଣୀ ବା ପ୍ରୋଗ୍ରାମ୍ ଦେଖାଇବା ତଥା ହଜୁର ଅନଓ୍ୱରଙ୍କ ବିଭିନ୍ନ ସମୟରେ ଦେଉଥିବା ଭାଷଣ ଦେଖାଇବା ଓ ଶୁଣାଇବା ଆଦି କାର୍ଯ୍ୟ । ତା'ଛଡ଼ା ଅହମଦି ଜମାଅତ୍‌ରେ କୌଣସି ସଭ୍ୟମାନଙ୍କ ପରସ୍ପର ମଧ୍ୟରେ ଚାଲିଥିବା ଝଗଡା ତଥା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଇତ୍ୟାଦି ଦୂର କରିବାର ପନ୍ଥା ତଥା ଏହାର ଅବସାନ ଘଟାଇବା କାମରେ 'ଇସ୍‌ଲାହି କମିଟି'(ସୁଧାର କମିଟି)ର ସାହାଯ୍ୟ ନିଆ ଯାଇପାରେ । ତା'ଛଡ଼ା ବୈବାହିକ ଜୀବନ ସମ୍ପର୍କରେ ଅଣ ଅହମଦୀମାନଙ୍କ ମଧ୍ୟରେ ଅହମଦୀମାନେ ବିବାହ କରିବା ଦ୍ୱାରା ଜମାଅତର ଯେଉଁ କ୍ଷତି ହେଉଛି ଓ ଏହି ସମ୍ପର୍କକୁ ଇସ୍‌ଲାମ୍‌ରେ କିପରି ନିଷିଦ୍ଧ କରାଯାଇଛି, ତା'ର ସ୍ପଷ୍ଟ ରୂପେ ବ୍ୟାଖ୍ୟା କରିବା ଆଦି କାର୍ଯ୍ୟ ତଥା ଏଭଳି ଘଟଣା ଯଦି ଜମାଅତରେ ଘଟିଛି, ତା'ହେଲେ ତାହାର ନିରାକରଣ ବ୍ୟବସ୍ଥା କରିବା ପାଇଁ ଜମାଅତର ମଜଲିସ୍ ଆମିଲାର ଦୃଷ୍ଟି ଆକର୍ଷଣ କରି ଏହାର ବିଚାର ପାଇଁ ପ୍ରସ୍ତାବ ଦେବା ଇତ୍ୟାଦି କାର୍ଯ୍ୟ । ମୋଟ ଉପରେ ସ୍ଥାନୀୟ ଜମାଅତର ସମସ୍ତ ସଭ୍ୟଙ୍କର ସଂସ୍କାର, ଶିକ୍ଷାଦୀକ୍ଷା ଇତ୍ୟାଦି କାର୍ଯ୍ୟ ସେକ୍ରେଟାରୀ ଇସଲାହ ଓ ଇରଶାଦ୍‌ଙ୍କ ମୁଖ୍ୟ ଦାୟିତ୍ୱ ।

ସେ ହିଁ 'ଇସ୍‌ଲାହି କମିଟି'ର ସଭାପତି ହୋଇଥିବା ଦୃଷ୍ଟିରୁ ଯଦି ସଂପାଦକଙ୍କୁ ସମାଧାନ କରିବା କ୍ଷେତ୍ରରେ ନିଜସ୍ୱ ପ୍ରୟାସରେ କୌଣସି ପ୍ରତିବନ୍ଧକ କିମ୍ବା ସମସ୍ୟା ସୃଷ୍ଟି ହେଉଛି, ତା'ହେଲେ ସେ ସ୍ଥାନୀୟ ଅମିର କିମ୍ବା ସଦର ଜମାଅତଙ୍କ ସହିତ ପରାମର୍ଶ କରି ଏହି କମିଟି ଦ୍ୱାରା ସମସ୍ୟାର ସମାଧାନର ମାର୍ଗ ପ୍ରଶସ୍ତ କରିପାରନ୍ତି ।✶

✶ ଏଣିକି ହଜୁର ଅନଓ୍ୱର[ଅବ] ଭାରତର ଜମାଅତଗୁଡିକ ପାଇଁ ସେଠାକାର ସଦର୍ କିମ୍ବା ଅମୀରଙ୍କୁ ହିଁ ଇସ୍‌ଲାହି କମିଟିର ସଭାପତି ରୂପେ ନିଯୁକ୍ତ କରିଛନ୍ତି ।

ସେକ୍ରେଟାରୀ ଇସ୍‌ଲାହ ଓ ଇର୍‌ଶାଦଙ୍କ ଏହି ଗୁରୁ ଦାୟିତ୍ୱର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ତା.୫.୧୨.୨୦୦୩ରିଖର ଖୁତବା ଜୁମାରେ କହୁଛନ୍ତି "ପୁଣି ସେକ୍ରେଟାରୀ ତରବିୟତ୍ ଓ ସେକ୍ରେଟାରୀ ଇସଲାହ ଇରଶାଦର ପଦଭାର ଅଛି । ଏହି ପଦବୀଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଦରକାର । ଏମାନେ ସେକ୍ରେଟାରୀ ଇସ୍‌ଲାହ ଓ ଇର୍‌ଶାଦ୍ ବୋଲି କେତେକ ସ୍ଥାନରେ ବୋଲାଯାଇଥାନ୍ତି । ସେମାନେ ନିଜର କାର୍ଯ୍ୟକ୍ରମକୁ ଏପରି ଭାବେ ତ୍ୱରାନ୍ୱିତ ତଥା ପ୍ରସ୍ତୁତ କରନ୍ତୁ, ଯାହା ତୃଣମୂଳ ସ୍ତରରୁ ନେଇ କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟ ପରିବ୍ୟାପ୍ତ ହୋଇପାରିବ । ଏହା ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ ହେବା ଦରକାର ଓ ସେମାନଙ୍କ କାର୍ଯ୍ୟ ଦ୍ୱାରା ଜମାଅତ୍‌ର ଅମୁର ଆମାଆ (ସାଧାରଣ ପ୍ରଶାସନ) ବିଭାଗର ସମସ୍ୟାଗୁଡ଼ିକର ସମାଧାନର ବାଟ ପରିଷ୍କାର ହୋଇଯିବ ଓ ତାଆଲିମ୍ (ଶିକ୍ଷା) ବିଭାଗରେ ଉପୁଜିଥିବା ସମସ୍ୟାର ସମାଧାନ ହୋଇଯିବ । ବୈବାହିକ ଜୀବନ ସମ୍ପର୍କରେ ସୃଷ୍ଟି ହୋଇଥିବା ସମସ୍ୟା ହ୍ରାସ ପାଇବ । ଏହି ସମସ୍ତ ବିଭାଗ, ଇସ୍‌ଲାହ୍ ଓ ଇରଶାଦ ସହିତ ଏଭଳି ଓତଃପ୍ରୋତଃ ଭାବେ ଜଡ଼ିତ ଯେ ତରବିୟତ୍ (ପ୍ରଶିକ୍ଷଣ) ଦ୍ୱାରା ଅନ୍ୟାନ୍ୟ ବିଭିନ୍ନ ପ୍ରକାର ସମସ୍ୟା ଆପେ ଆପେ ସୁଧୁରି ଯିବେ ଏବଂ ଜମାଅତର ଆଧ୍ୟତ୍ମିକ ପ୍ରଗତି ଉଚ୍ଚକୋଟୀର ହେବ ।"

## ନବ ଦୀକ୍ଷିତ ଅହମଦିମାନଙ୍କ ପ୍ରଶିକ୍ଷଣ ନିମନ୍ତେ ଆଡ଼ିସ୍‌ନାଲ୍ ସେକ୍ରେଟାରୀ ଇସ୍‌ଲାହ ଓ ଇର୍‌ଶାଦ

## (ଅତିରିକ୍ତ ସଂପାଦକ ସଂସ୍କାର ଓ ସଂଚାଳନ)

ଇସଲାହ ଇର୍‌ଶାଦ ଓ ୱକ୍‌ଫେ ଯଦିଦ୍ ବିଭାଗ ତରଫରୁ ଆଗତ ନିର୍ଦ୍ଦେଶନାମାର ଆଲୋକରେ ନୂତନ ଭାବେ ଦୀକ୍ଷିତ ଅହମଦିମାନଙ୍କର ସଂସ୍କାର ଓ ଶିକ୍ଷାଦୀକ୍ଷା ପ୍ରତି ଯତ୍ନବାନ ହେବା ଏବଂ ସେମାନଙ୍କୁ ଜମାଅତର କାର୍ଯ୍ୟଶୈଳୀ, ଶୃଙ୍ଖଳା ଜ୍ଞାନ ଓ ଅର୍ଥଦାନ ଇତ୍ୟାଦି କାର୍ଯ୍ୟରେ ସଂଶ୍ଲିଷ୍ଟ କରିବା ତଥା ସେମାନଙ୍କୁ ପ୍ରଶିକ୍ଷଣ ଦେବା ଇତ୍ୟାଦି କାର୍ଯ୍ୟ ହେଉଛି ଆଡ଼ିସ୍‌ନାଲ୍ ସେକ୍ରେଟାରୀ ଇସ୍‌ଲାହ ଓ ଇର୍‌ଶାଦଙ୍କର ଦାୟିତ୍ୱ ।

**ସେକ୍ରେଟାରୀ ତା'ଲିମୁଲ୍ କୁରଆନ ଓ୍ୱକ୍‌ଫେ ଆରଜୀ (ସଂପାଦକ କୁରଆନ ଶିକ୍ଷା ଓ ଅସ୍ଥାୟୀ ଉତ୍ସର୍ଗୀକୃତ ସେବା)**

ନିଜାରତ ତା'ଲିମୁଲ୍ କୁରଆନ (କୁରଆନ ଶିକ୍ଷା ପ୍ରଦାନ ବିଭାଗ)ଙ୍କ ନିର୍ଦ୍ଦେଶ ଅନୁସାରେ କେତେଜଣ ଅହମଦୀ କୁରଆନର ଆରବୀ ମୂଳପାଠକୁ ପଢି ପାରୁଛନ୍ତି ? କେତେଜଣ ଏହି ଆରବୀ ଭାଷାର ଅନୁବାଦ ମଧ୍ୟ ପଢି ପାରୁଛନ୍ତି, ସେ ସମସ୍ତଙ୍କ ବିଷୟରେ ରେକର୍ଡ଼ ପ୍ରସ୍ତୁତ କରିବା ସେକ୍ରେଟାରୀ ତାଆଲିମୁଲ୍ କୁରଆନଙ୍କର ପ୍ରଧାନ କର୍ତ୍ତବ୍ୟ । ତା'ଛଡ଼ା ଯେଉଁ ସଭ୍ୟମାନେ କୁରଆନର ଆରବୀ ପାଠ ପଢି ନାହାନ୍ତି, ସେମାନଙ୍କୁ ଭାଷାଜ୍ଞାନ ପଢାଇବା ପାଇଁ ବ୍ୟବସ୍ଥା କରିବା ଏବଂ ଅନୁବାଦ ମଧ୍ୟ ଶିଖାଇବା ଇତ୍ୟାଦି କାର୍ଯ୍ୟ ହେଉଛି ସେକ୍ରେଟାରୀ ତା'ଲିମୁଲ୍ କୁରଆନଙ୍କର । ଏହି ସବୁ କାର୍ଯ୍ୟ କରିବା ପାଇଁ ଜମାଅତର ଅନେକ ଲୋକ ଆଗଭର ହୋଇ ଅସ୍ଥାୟୀ ରୂପେ ନିଜର ସେବାକୁ ଉତ୍ସର୍ଗ କରିଥାଆନ୍ତି । ଏହିପରି ବ୍ୟକ୍ତିମାନଙ୍କୁ ପ୍ରେରଣାମୂଳକ ସେବା କାର୍ଯ୍ୟ ସକାଶେ ଅସ୍ଥାୟୀ ରୂପେ କିଛି ସମୟ ତ୍ୟାଗ କରିବା ପାଇଁ ଆହ୍ୱାନ ଦେବା ଉଚିତ । ଯାହା ଫଳରେ ଏହି ଉତ୍ସର୍ଗିକୃତ ସେବକମାନଙ୍କ ମାଧ୍ୟମରେ କୋରାନ୍‌ର ଶିକ୍ଷା ଓ ଧର୍ମସେବା କାର୍ଯ୍ୟ ନିରନ୍ତର ଜାରି ରହି ପାରିବ ।

ଏତଦ୍ ବ୍ୟତୀତ ନିଜାରତ ତା'ଲିମୁଲ୍ କୁରଆନ (କୁରଆନ ଶିକ୍ଷା ନିର୍ଦ୍ଦେଶାଳୟ) ପତ୍ର ବିନିମୟ ପାଠ୍ୟକ୍ରମ ମାଧ୍ୟମରେ କୁରଆନର ଅନୁବାଦ ଶିକ୍ଷା ବିଷୟରେ ଯେଉଁ ବ୍ୟବସ୍ଥା କରିଛନ୍ତି, ସେଥିରେ ବହୁ ସଂଖ୍ୟକ ଜମାଅତର ସଭ୍ୟମାନଙ୍କୁ ସାମିଲ କରିବା ପାଇଁ ସେକ୍ରେଟାରୀ ତାଆଲିମ୍ (ଶିକ୍ଷା ସଂପାଦକ) ଉଦ୍ୟମ କରିବା ଆବଶ୍ୟକ । ତା'ଛଡ଼ା ଫଜଲେ ଉମର ତା'ଲିମୁଲ୍ କୁରଆନ କ୍ଲାସ୍‌ରେ ଅଂଶଗ୍ରହଣ କରିବା ପାଇଁ ଯଥେଷ୍ଟ ସଂଖ୍ୟାକ ସଭ୍ୟମାନଙ୍କୁ କାଦିୟାନ୍ ପଠାଇବାର ବ୍ୟବସ୍ଥା କରିବା ଆବଶ୍ୟକ ।

**ସେକ୍ରେଟାରୀ ଦାଓ୍ୱତ୍‌ଇଲଲ୍ଲାଃ (ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରଣ ବିଷୟଗତ ସଂପାଦକ)**

ନଜାରତ ଦାଓ୍ୱତ୍‌ଇଲାଲ୍ଲାଃ ବିଭାଗ ତରଫରୁ ନିର୍ଦ୍ଦେଶ ଅଛି ଯେ ସ୍ଥାନୀୟ ଜମାଅତର ବହୁ ସଂଖ୍ୟକ ଲୋକଙ୍କୁ ଧର୍ମ ଆଡ଼କୁ ମନ ବଳାଇବା

ପାଇଁ ତଥା ଲୋକମାନଙ୍କର ଧ୍ୟାନ ଈଶ୍ୱରଙ୍କ ଆଡ଼କୁ ପ୍ରେରିତ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ । କେନ୍ଦ୍ରର ଦାଓ୍ୱତ୍ ଇଲଲ୍ଲାଃ ବିଭାଗର ପ୍ରଚାରକମାନଙ୍କ ସହାୟତାରେ ଯେଉଁ ସଭ୍ୟମାନେ ଈଶ୍ୱରଙ୍କ ଡ଼ାକ ପ୍ରତି ନିଜକୁ ପ୍ରସ୍ତୁତ କରୁଛନ୍ତି, ସେମାନଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା ତଥା ମାର୍ଗଦର୍ଶନ କରିବା ସହିତ ସେମାନଙ୍କ ପାଇଁ ସେମିନାରସ୍(ଆଲୋଚନା ଚକ୍ର) ଓ୍ୱାର୍କସପ ଟ୍ରେନିଂ କ୍ଲାସ୍ (କର୍ମଶାଳାରେ ପ୍ରଶିକ୍ଷଣ ନେବା) ଆଦିର ଆୟୋଜନ କରିବା, ନୂତନ ଭାବେ ଦୀକ୍ଷିତ ସଭ୍ୟମାନଙ୍କୁ ଶିକ୍ଷାଦେବା ଏବଂ ଯେଉଁମାନେ ଅହମଦୀୟା ସଂପ୍ରଦାୟର ଦୀକ୍ଷା ନେବା ପରେ ଛତ୍ରଭଙ୍ଗ ଦେଇ ଚାଲି ଯାଇଛନ୍ତି, ସେମାନଙ୍କ ସନ୍ଧାନ ନେବା ପାଇଁ ଏକ ବିଧିବଦ୍ଧ ଯୋଜନା କରିବା । ଅହମଦୀୟା ସଂପ୍ରଦାୟ ବିରୁଦ୍ଧରେ ଯେଉଁ ଧର୍ମତତ୍ତ୍ୱକୁ ନେଇ ବିତର୍କ ସୃଷ୍ଟି କରୁଛନ୍ତି ସେମାନଙ୍କ ଆହ୍ୱାନ୍‌ର ସମ୍ମୁଖୀନ ହେବା ପାଇଁ କେନ୍ଦ୍ରର ନିଜାରତ ଦାଇଇଲଲ୍ଲାଃ ବିଭାଗଙ୍କ ଠାରୁ ମାର୍ଗଦର୍ଶନ ନେଇ ସେହି ଆହ୍ୱାନର ମୁକାବିଲା କରିବା । ଧର୍ମପ୍ରଚାର ସକାଶେ ଆବଶ୍ୟକ ମନେ କଲେ ବିଭିନ୍ନ ସ୍ଥାନରେ ଧର୍ମସଭାର ଆୟୋଜନ କରିବା ଇତ୍ୟାଦି । ହଜରତ୍ ଖଲିଫାତୁଲ୍ ମସିହ ପଞ୍ଚମ[ଅବ] ଦାଓ୍ୱତ୍ ଇଲଲ୍ଲାଃ ପ୍ରତି ସମସ୍ତ ସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରି ତା.୪.୬.୨୦୦୪ରିଖ ଖୁତବା ଜୁମାରେ କହିଥିଲେ;

"ଅଲ୍ଲାଃଙ୍କ ଆଡ଼କୁ ଲୋକମାନଙ୍କୁ ଡାକିବା ଏକ ସ୍ଥାୟୀ ସତ୍‌କର୍ମ ଓ ଏଥି ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ଏହାର ଅର୍ଥ ନୁହେଁ ଯେ ଥରେ ଅଧେ ଯୋଗାଯୋଗ କରି ବର୍ଷ ଶେଷରେ କିଛି ଲକ୍ଷ୍ୟ ପୂରଣ କରିବା ପାଇଁ ଯତ୍ କିଞ୍ଚିତ୍ ସମୟ ବାହାର କରିବା । ବରଂ ବର୍ଷ ସାରା ଏହି କାର୍ଯ୍ୟ ସକାଶେ ନିରନ୍ତର ପ୍ରୟାସ କରିବା ଉଚିତ୍ ଏବଂ ଯେଉଁ ଲୋକଙ୍କୁ ଆପଣ ଧରୁଛନ୍ତି ତାଙ୍କର ସ୍ୱଭାବଗତ ଗୁଣ ଓ ଚରିତ୍ରକୁ ଆପଣ ଭଲ କରି ଜାଣନ୍ତି । ଆପଣଙ୍କ ଯୋଗାଯୋଗ ଯେପରି ହେଉନା କାହିଁକି, ତାହା ନିରନ୍ତର ଜାରି ରହିବା ଦରକାର । ଏପରି ଦିନ ଆସିବ ଯେତେବେଳେ ଆପଣ ସ୍ୱୟଂ ଜାଣି ପାରିବେ ଯେ ଏହି ବ୍ୟକ୍ତିର ହୃଦୟ କେତେ କଠୋର । ଏହା ଏଭଳି ଭୂମି ନୁହେଁ ଯେଉଁଥିରେ ସ୍ୱଳ୍ପ ବୃଷ୍ଟି କୌଣସି ପ୍ରଭାବ ପକାଇବ ବା ଏଥିରେ କୌଣସି

ଫସଲ ଉତ୍ପନ୍ନ ହେବ । କୌଣସି ଅଳ୍ପ ପୂଣ୍ୟ ଅର୍ଜନ କରିବା କାମ ଦେବ ନାହିଁ । ତାଙ୍କୁ ତ ଆପଣ ଛାଡି ଦେବା ଭଲ । କିନ୍ତୁ ଅନେକ ଏପରି ଅଛନ୍ତି ଯେଉଁମାନେ ଆପଣଙ୍କ ଠାରୁ ନିଶ୍ଚିତ ଭାବେ ଉପକୃତ ହେବାର ମଧ୍ୟ ଯଥେଷ୍ଟ ସମ୍ଭାବନା ଅଛି । ଏଣୁ ଆପଣ ନିଜର ପ୍ରୟାସ ଜାରି ରଖନ୍ତୁ । ଏବଂ ଶୋଇ ପଡ଼ନ୍ତୁ ନାହିଁ ଯେ ମୁଁ ବର୍ଷ ଶେଷରେ ଯାଇ ଏହି କାମଟିକୁ ଅବଶ୍ୟ କରିଦେବି ।

**ସେକ୍ରେଟାରୀ ଉମୁର ଆ'ମା (ସଂପାଦକ ସାଧାରଣ ପ୍ରଶାସନ)**

ସେକ୍ରେଟାରୀ ଉମୁର ଆ'ମା ଜମାଅତ୍ର ଆଭ୍ୟନ୍ତରୀଣ ବ୍ୟାପାରକୁ ନିୟନ୍ତ୍ରଣ କରିଥାଆନ୍ତି । ଏହା କେନ୍ଦ୍ରର ନଜାରତ ଉମୁର ଆ'ମା ବିଭାଗର ନିର୍ଦ୍ଦେଶ ଅନୁସାରେ ହିଁ କାର୍ଯ୍ୟ କରିଥାଆନ୍ତି । ଉଦାହରଣ ସ୍ୱରୂପ ବେକାର ଯୁବକମାନଙ୍କୁ ରୋଜଗାରକ୍ଷମ କରିବା, ଜନସେବା, ଆପୋଷ ବୁଝାମଣା, ଦୈବୀ ଦୁର୍ବିପାକ କିମ୍ବା ମନୁଷ୍ୟକୃତ ବିପତ୍ତିରେ ରିଲିଫ୍ ବଣ୍ଟନ କରିବା କାର୍ଯ୍ୟ ତଥା ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଇତ୍ୟାଦି ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହି ସଂପାଦକଙ୍କ ଦାୟିତ୍ୱରେ ରହିଛି ।

ଜମାଅତର ମୂଲ୍ୟବାନ ବସ୍ତୁ ତଥା ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବା ମଧ୍ୟ ସେକ୍ରେଟାରୀ ଉମୁରେ ଆ'ମାଙ୍କ ଦାୟୀତ୍ୱ ପରିସରଭୁକ୍ତ । ପରସ୍ପର ମଧ୍ୟରେ ଉପୁଜୁଥିବା ଦ୍ୱନ୍ଦ୍ୱ ଓ ବାଦ ବିବାଦକୁ ବୁଝି ବିଚାରି ସମାଧାନ କରିବା କିମ୍ବା ସୁଧାର କମିଟି ଦ୍ୱାରା ମଧ୍ୟ ଚେଷ୍ଟା କରାଯାଇ ସମାଧାନର ପନ୍ଥା ବାହାର କରିବା ଏବଂ ଯେତେଦୂର ସମ୍ଭବ ଅଦାଲତକୁ ନେଇ ଯେପରି କଥା ପକାଇବା ସେଥିପାଇଁ ଉଭୟ ପକ୍ଷଙ୍କୁ ପ୍ରବର୍ତ୍ତାଇବା ଇତ୍ୟାଦି ଦାୟିତ୍ୱ । ଜମାଅତର ଯେଉଁ ସଭ୍ୟମାନେ ବିନା ଅନୁମତିରେ କୋର୍ଟ କଚେରି ଓ ଅଦାଲତମାନଙ୍କୁ ନ୍ୟାୟ ପାଇଁ ଚାଲିଯାଆନ୍ତି, ସେମାନଙ୍କ ବିରୁଦ୍ଧରେ କେନ୍ଦ୍ରର ଉମୁର ଆ'ମାଆ ବିଭାଗକୁ ଜଣାଇବା ଆଦି କାର୍ଯ୍ୟ ତାଙ୍କର ରହିଛି । କେନ୍ଦ୍ରର ଦାରୁଲ୍ କଜା (ଉଚ୍ଚ ନ୍ୟାୟାଳୟ)ର ନିଷ୍ପତ୍ତିକୁ ଯାହା ସାଧାରଣ ପ୍ରଶାସନ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ହସ୍ତଗତ ହୋଇଥାଏ, ତାହାକୁ ସଠିକ ଓ ଉପଯୁକ୍ତ ସମୟରେ କାର୍ଯ୍ୟକାରୀ କରାଇବା ଆଦି ଦାୟିତ୍ୱ । ତା'ଛଡ଼ା ଜମାଅତ ଅଧୀନସ୍ଥ ଧନ ଓ ଜନଙ୍କର ସୁରକ୍ଷା ବ୍ୟବସ୍ଥା ସକାଶେ ସ୍ଥାନୀୟ ସରକାରୀ

ପ୍ରଶାସନ ସହିତ ସମ୍ପର୍କ ରକ୍ଷା କରିବା ତଥା ସମ୍ବାଦ ପତ୍ର ଓ ପବ୍ଲିସିଟି ମିଡ଼ିଆ ଜରିଆରେ ସଂପ୍ରଦାୟର ସ୍ୱତ୍ତ୍ୱ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ଓ ଏହାକୁ ସୁରକ୍ଷା ଦେବା ସମ୍ବନ୍ଧରେ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ତା.୫.୧୨.୨୦୦୩ ଖୁତବା ଜୁମାରେ କହିଥିଲେ;

"ସେକ୍ରେଟାରୀ ଉମୁର ଆମାଆଙ୍କ ଏହା ଯେ କେବଳ ଦାୟିତ୍ୱ ନୁହେଁ ଯେ ସେ ଜମାଅତର ସଭ୍ୟମାନଙ୍କ ମଧ୍ୟରେ ବିଚାର ବିମର୍ଷ କରି କୌଣସି ନିଷ୍ପତ୍ତି ଦେଇଦେବେ କିମ୍ବା ଯଦି କୌଣସି ଦୋଷାବହ କାର୍ଯ୍ୟ ଦେଖନ୍ତି, ତା'ହେଲେ ତା'ର ଖବର କେନ୍ଦ୍ରୀୟ ଉମୁର୍ ଆମାଆ ବିଭାଗକୁ ଜଣାଇବେ । ତାଙ୍କର ଏହା ମଧ୍ୟ ଦାୟିତ୍ୱ ହେବା ଉଚିତ ଯେ ସେ ଜମାଅତର ବେକାର ଯୁବକମାନଙ୍କୁ ଯାହାଙ୍କର ରୋଜଗାର ପନ୍ଥା ନାହିଁ, ସେମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ପ୍ରୟାସ କରିବା ମଧ୍ୟ ତାଙ୍କ ସେବା କାର୍ଯ୍ୟର ଅନ୍ତର୍ଭୁକ୍ତ । କେତେକ ଲୋକଙ୍କୁ ବେପାର କରିବା ଓ କାମଧନ୍ଦାର କୌଶଳ ଆପେ ଆପେ ଆସିଥାଏ । ସେଭଳି ଲୋକମାନଙ୍କ ତାଲିକା ପ୍ରସ୍ତୁତ କରିବା ମଧ୍ୟ ସେକ୍ରେଟାରୀ ଉମୁର ଆମାଆଙ୍କ କର୍ତ୍ତବ୍ୟ । ଯଦି ଏଭଳି ବ୍ୟକ୍ତି ଦେଖାଯାଆନ୍ତି, ତା'ହେଲେ ସାମାନ୍ୟ କିଛି ଅର୍ଥ ସାହାଯ୍ୟ କରି ସେମାନଙ୍କୁ ଥଇଥାନ କରି କାରବାର ଆରମ୍ଭ କରିବା ପାଇଁ ଯତ୍ନବାନ କରାଇବା ଆବଶ୍ୟକ । ଯଦ୍ୱାରା ସେହି ବ୍ୟକ୍ତି ଧିରେ ଧିରେ ଜଣେ ଭଲ ବେପାରୀ ଭାବେ ନିଜକୁ ପ୍ରସ୍ତୁତ କରି ପାରିବେ । ମୁଁ ନିଜେ କେତେକ ବ୍ୟକ୍ତି ସାଇକେଲରେ ଜିନିଷ ପତ୍ର ବୋହି ବିକ୍ରି କରିବା ଓ କୌଣସି ଦୋକାନର ପାହାଚ ନିକଟରେ ବସି ଟୋକେଇରେ କିଛି ଲୁଗାର ଥାନ ରଖି ବିକ୍ରି କରିବାର ଦେଖିଛି ଏବଂ ସେହିମାନେ ହିଁ ପରବର୍ତ୍ତୀ ସମୟରେ ବଡ଼ ବଡ଼ ଦୋକାନର ମାଲିକ ହୋଇ ଯାଇଛନ୍ତି । ଏଣୁ ଏଭଳି ଲୋକମାନେ ପଛରେ ରହି ସେମାନଙ୍କୁ ପ୍ରୋତ୍ସାହନ ଦେଇ ଦୃଷ୍ଟି ଆକର୍ଷଣ କରାଇ ସେମାନଙ୍କୁ କୌଣସି ନା କୌଣସି କାର୍ଯ୍ୟରେ ନିୟୋଜିତ କରାଇବା ଇତ୍ୟାଦି ଦାୟୀତ୍ୱ ଜମାଅତର ବରିଷ୍ଠ ପଦାଧିକାରୀ ଅର୍ଥାତ୍ ସେକ୍ରେଟାରୀ ଉମୁର ଆ'ମାଙ୍କ ପରିସରଭୁକ୍ତ ହେବ ।"

## ସେକ୍ରେଟାରୀ ଉମୁର ଖାରିଜା (ସଂପାଦକ ବହିଃବ୍ୟାପାର)

କେନ୍ଦ୍ରର ନିଜାରତ ଉମୁର ଖାରିଜାଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ଜମାଅତର କୌଣସି ବାହ୍ୟ ସଂପର୍କଜନିତ କାର୍ଯ୍ୟପାଇଁ ନିଜ ରାଜ୍ୟ କିମ୍ବା ଦେଶର ପ୍ରଶାସନ ସହିତ ସିଧାସଳଖ ସମ୍ପୃକ୍ତି ରହିଛି । କୌଣସି ସମସ୍ୟାର ସମାଧାନ ପନ୍ଥା ବାହାର କରିବା ସହିତ ପ୍ରଦେଶର ସରକାରୀ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ ସ୍ଥାପନ କରିବା ମଧ୍ଯ ଦାୟିତ୍ୱ ମଧ୍ଯ ସଂପାଦକ ବହିଃବ୍ୟାପାରଙ୍କ ପରିସର ଭୁକ୍ତ । ଉଦାହରଣ ସ୍ୱରୂପ ପ୍ରାଦେଶିକ ସ୍ତରରେ ବିଧାନସଭାର ଏମ୍.ଏଲ.ଏ. ତଥା ଜାତୀୟ ସ୍ତରରେ ଏମ.ପି.(ଉଭୟ ବିଧାୟକ ଓ ସାଂସଦ) ଏବଂ ଅନ୍ୟାନ୍ୟ ରାଜନୈତିକ ନେତାମାନଙ୍କ ସହ ସମ୍ପର୍କ ରକ୍ଷା କରିବା ଅହମଦୀୟା ଜମାଅତର ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ସରକାରଙ୍କ ସାଧାରଣ ନିର୍ବାଚନ ସମୟରେ ସ୍ଥାନୀୟ ଜମାଅତର ସ୍ୱାର୍ଥରକ୍ଷାକୁ ଆଖି ଆଗରେ ରଖି ନିଜାରତ୍ ଉମୁର ଖାରିଜା ଏବଂ ନିଜାରତ ଉମୁର ଆ'ମାଆ ବିଭାଗ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ଉମୁର ଆ'ମାଆ ସଂପାଦକଙ୍କୁ ସାଥୀରେ ନେଇ ମିଳିମିଶି କାର୍ଯ୍ୟ କରିବା ଉଚିତ । ଜମାଅତର ସ୍ୱାର୍ଥଜନିତ କୌଣସି ସମସ୍ୟାକୁ ନେଇ ଯଦି ଅଦାଲତ ଯିବାକୁ ହୁଏ, ଯହିଁରେ ଆଇନଗତ ଶୃଙ୍ଖଳା ରକ୍ଷା ପାଇଁ ନିଷ୍ପତ୍ତିର ଆବଶ୍ୟକତା ରହିଛି, ତା'ହେଲେ ଜମାଅତର 'ମଶିରେ କାନୁନି' (ଆଇନ ବିଶେଷଜ୍ଞ) ଙ୍କ ପରାମର୍ଶ ତଥା ନାଜର ଉମୁର ଆମାଆଙ୍କ ମତାମତ ନେଇ ତଦନୁସାରେ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

## ସେକ୍ରେଟାରୀ ତା'ଲିମ୍ (ଶିକ୍ଷା ସଂପାଦକ)

କେନ୍ଦ୍ରୀୟ ନିଜାରତ ତା'ଲିମ୍ (ଶିକ୍ଷା ନିର୍ଦ୍ଦେଶାଳୟ)ର ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ଜମାଅତ୍‌ରେ ଥିବା ଯୁବକ ଯୁବତୀମାନଙ୍କ ଆଧ୍ୟାତ୍ମିକ ତଥା ସାଂସାରିକ ଶିକ୍ଷାର ଅନୁଶୀଳନ କରିବା ଓ ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ କରିବା ହେଉଛି ଶିକ୍ଷା ସଂପାଦକଙ୍କର ପ୍ରଧାନ କର୍ତ୍ତବ୍ୟ । ସ୍ଥାନୀୟ ଜମାଆତ୍‌ରେ ଥିବା ମେଧାବୀ ଛାତ୍ର ଛାତ୍ରୀ ଯଦି କୌଣସି ଆର୍ଥିକ ଅନାଟନ ଯୋଗୁଁ ଶିକ୍ଷା

ଗ୍ରହଣ କରିବାରୁ ବଂଚିତ ହେଉଛନ୍ତି, ତା'ହେଲେ ସେମାନଙ୍କ ପାଇଁ କେନ୍ଦ୍ର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏହି ମେଧାବି ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିବା ତଥା କେନ୍ଦ୍ର ତରଫରୁ ଆଧାତ୍ମିକ ଶିକ୍ଷା ବିଷୟକ ପରୀକ୍ଷାରେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ ପାଇଁ ଉତ୍ସାହିତ କରିବା ଇତ୍ୟାଦି କାର୍ଯ୍ୟ ଅନ୍ତର୍ଭୁକ୍ତ ।

ହଜରତ୍ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ସଂସାରିକ ଓ ଧାର୍ମିକ ଶିକ୍ଷା ପ୍ରତି ଆଲୋକପାତ କରି ତା.୫.୧୨.୨୦୦୩ରିଖ ଖୁତବା ଜୁମା ମାଧ୍ୟମରେ ପରାମର୍ଶ ଦେଇ କହିଛନ୍ତି;

"ପୁଣି ଜଣେ ସେକ୍ରେଟାରୀ ଶିକ୍ଷା ବିଭାଗ ମଧ୍ୟ ରହିଛି । ସାଧାରଣତଃ ସେକ୍ରେଟାରୀ ତାଆଲିମ୍ ଏଭଳି କର୍ମକୁଶଳ ନଥାଆନ୍ତି ଯାହା ହେବା ଦରକାର ଓ ଯାହା ତାଙ୍କ ଠାରୁ ଆଶା କରାଯାଏ । ମୁଁ କେବଳ ଅନୁମାନରେ ଏକଥା କହୁନାହିଁ । ଯଦି ପ୍ରତ୍ୟେକ ଜମାଅତ ନିଜ ନିଜ ଅଞ୍ଚଳର ସେକ୍ରେଟାରୀ ତାଆଲିମ୍‌ଙ୍କ କାର୍ଯ୍ୟ ବିଷୟରେ ବିଶ୍ଳେଷଣ କରିବାକୁ ଚେଷ୍ଟା କରନ୍ତି, ତା'ହେଲେ ସେମାନେ ଜାଣିପାରିବେ ଯେ କେତେକ ସେକ୍ରେଟାରୀ ସାରା ବର୍ଷ ଧରି ମଧ୍ୟ କୌଣସି ଆଖି ଦୃଶିଆ କାର୍ଯ୍ୟ କରି ନଥାଆନ୍ତି । ତେଣୁ ସେକ୍ରେଟାରୀ ତାଆଲିମ୍‌ଙ୍କ କାର୍ଯ୍ୟ ହେଉଛି ଯେ ତାଙ୍କ ସ୍ଥାନୀୟ ଜମାଅତରେ କେତେଜଣ ପିଲା ପାଠ ପଢୁଛନ୍ତି । କେତେ ଜଣଙ୍କ ସ୍କୁଲ ଯିବାର ବୟସ ହୋଇଯାଇଛି, ଅଥଚ ସେମାନେ ସ୍କୁଲ ଯାଉ ନାହାନ୍ତି ଏବଂ ସ୍କୁଲ୍ ନଯିବାର କାରଣ କଣ ? ଆର୍ଥିକ ପରିସ୍ଥିତି ଯୋଗୁଁ ଯାଉ ନାହାନ୍ତି ନା କେବଳ ତାଙ୍କର ବସି ରହିବାର ଅଭ୍ୟାସ ଅଛି ? ଇତ୍ୟାଦି ବିଷୟରେ ଏକ ତାଲିକା ପ୍ରସ୍ତୁତ କରିବା । ଜଣେ ଅହମଦି ପିଲାକୁ ଏ ବିଷୟ ବୁଝାଇ ଦେବା ଉଚିତ ଯେ ଏହିପରି ବସି ରହି ସମୟର ଅପଚୟ କରିବା ଆଦୌ ଉଚିତ ନୁହେଁ । ଉଦାହରଣ ସ୍ୱରୂପ ହଜରତ୍ ଖଲିଫତୁଲ୍ ମସିହ ତୃତୀୟ[ରଅ] ପ୍ରତ୍ୟେକ ପିଲା ପାଇଁ ଏକ ସର୍ତ୍ତ ରଖିଥିଲେ 'ପ୍ରତ୍ୟେକ ଅହମଦୀ ପିଲା ଅତି କମ୍‌ରେ ମେଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢିବ ଓ ମେଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ତା' ପକ୍ଷେ ଅତ୍ୟନ୍ତ ଅପରିହାର୍ଯ୍ୟ ।' କିନ୍ତୁ ବର୍ତ୍ତମାନ ତ ଅହମଦୀ ପିଲାମାନଙ୍କର ଶିକ୍ଷାର

ମାନ ପୂର୍ବପେକ୍ଷା ଉଚ୍ଚତର ହୋଇଯାଇଛି । ଏବଂ ମୁଁ ତ କହିବି ଯେ ପ୍ରତ୍ୟେକ ପିଲା ଅତିକମ୍‌ରେ ଏଫ.ଏ. (ଫାଷ୍ଟ୍ ଆର୍ଟସ୍ ବା ଯୁକ୍ତ ଦୁଇ +୨) ପର୍ଯ୍ୟନ୍ତ ପାଠ ପଢିବା ଦରକାର ।”

## ସେକ୍ରେଟେରୀ ମାଆଲ୍ (ଅର୍ଥ ସଂପାଦକ)

ସ୍ଥାନୀୟ ଜମାଅତରେ ଆଦାୟ ହେଉଥିବା ବିଭିନ୍ନ ଧାର୍ଯ୍ୟମୂଳକ ଚନ୍ଦା ଅର୍ଥାତ୍ ଚନ୍ଦା ‘ହିସ୍‌ସା ଆମଦ’ (ଓସିଅତ/ଇଚ୍ଛାପତ୍ର ଅନୁଯାୟୀ ମାସିକ ଆୟର ନିର୍ଦ୍ଧାରିତ ୧/୧୦ ଭାଗ ଚନ୍ଦା ଦେବା ପାଇଁ ଚୁକ୍ତିବଦ୍ଧ), ‘ଚନ୍ଦା ଆ’ମ୍’ (ସାଧାରଣ ଧାର୍ଯ୍ୟ ମାସିକ ୧/୧୬ ଭାଗ), ଚନ୍ଦା ‘ଜଲସା ସାଲାନା’ (ମାସିକ ୧/୧୨୦ ଶତାଂଶ) ଇତ୍ୟାଦି ବଜେଟ୍ ଅନୁସାରେ ମରକଜ୍‌କୁ ‘ବୈତୁଲ ମାଲ୍ ଆମଦ୍’ (ଆୟ ସଂପର୍କିତ ଅର୍ଥ ବିଭାଗ)କୁ ନିର୍ଦ୍ଦିଷ୍ଟ ଅନୁପାତରେ ହିସାବ କରି ଯଥା ସମୟରେ ପଠାଇବା ଦରକାର । ଏହି ସ୍ଥାନୀୟ ବଜେଟର ବିବରଣୀ ଏକକିତା ନକଲ ନିଜ ସ୍ଥାନୀୟ ଜମାଅତରେ ମଧ୍ୟ ରଖାଯାଉ । ରୋଜଗାର କରୁଥିବା ସମସ୍ତ ସ୍ଥାନୀୟ ସଭ୍ୟ/ସଭ୍ୟାମାନଙ୍କର ତଥ୍ୟ ଅନୁସାରେ ଆନୁପାତିକ ଧାର୍ଯ୍ୟ ଚନ୍ଦାର ସର୍ତ୍ତମୂଳକ ସମସ୍ତ ଆୟ ଅନ୍ତର୍ଭୁକ୍ତ ଚନ୍ଦାକୁ ଆଦାୟ କରିବା ଦାୟୀତ୍ୱ ମଧ୍ୟ ସେକ୍ରେଟାରୀ ମାଆଲ୍‌ଙ୍କର । ସେହିପରି ବିତ୍ତଶାଳୀ ବ୍ୟକ୍ତିଙ୍କ ଠାରୁ ‘ଜକାତ୍’ (ନିର୍ଦ୍ଦିଷ୍ଟ କର) ଆଦାୟ କରିବା ମଧ୍ୟ ସେକ୍ରେଟାରୀ ମାଆଲ୍‌ଙ୍କ ଦାୟିତ୍ୱ । ଯେଉଁ ସଭ୍ୟମାନେ ଚନ୍ଦା ଆଦାୟ କରିବା ଦାୟୀତ୍ୱରେ ଅଛନ୍ତି ସେମାନଙ୍କୁ ରସିଦ୍ ବହି ଯୋଗାଇ ଦେବା ଓ ଆଦାୟ ପରେ ସେମାନଙ୍କ ଠାରୁ ଆଦାୟ ହୋଇଥିବା ସମସ୍ତ ଅର୍ଥ ଏବଂ କଟା ଯାଇଥିବା ରସିଦ ବହି ଗୁଡିକ ଯଥା ସମୟରେ ଆଣିବା ଦାୟୀତ୍ୱ ସେକ୍ରେଟାରୀ ମାଆଲ୍‌ଙ୍କର । କେନ୍ଦ୍ରୀୟ ବୈତୁଲମାଲ୍ ଆମଦ୍‌ର ନିର୍ଦ୍ଦେଶନାମାକୁ ସ୍ଥାନୀୟ ଜମାଅତର ସମସ୍ତ ସଭ୍ୟମାନଙ୍କୁ ଅବଗତ କରାଇବା ତଥା ଚନ୍ଦା ପୈଠ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବା ତଥା ଅନୁପ୍ରେରିତ କରିବା ମଧ୍ୟ ମରକଜ୍‌ର କାର୍ଯ୍ୟ । କେନ୍ଦ୍ରକୁ ଚନ୍ଦା ସମ୍ପର୍କରେ ଚିଠିପତ୍ର ମାଧ୍ୟମରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ଓ ମାସିକ ତଥା ବାର୍ଷିକ ଆୟର ବିବରଣୀ ପ୍ରଦାନ କରିବା କାର୍ଯ୍ୟ ସେକ୍ରେଟାରୀ ମାଆଲ ତୁଲାଇ ଥାଆନ୍ତି । ସାଧାରଣ ଧାର୍ଯ୍ୟମୂଳକ ଚନ୍ଦାର ଆଦାୟ ବ୍ୟତୀତ ଅନ୍ୟାନ୍ୟ

ଜମାଅତି ଚନ୍ଦାର ହିସାବ ମଧ୍ୟ ସେକ୍ରେଟାରୀ ମାଆଲ୍ ରଖିଥାଆନ୍ତି । ସ୍ଥାନୀୟ ଜମାଅତର ଖର୍ଚ୍ଚ ତୁଲାଇବା ପାଇଁ ହୋଇଥିବା ଆୟ ବ୍ୟୟର ହିସାବ ମଜଲିସ୍ ଆମିଲାରେ ଉପସ୍ଥାପନ କରିବା ସେକ୍ରେଟାରୀ ମାଆଲ୍‌ଙ୍କ ଅନ୍ୟ ଏକ କର୍ତ୍ତବ୍ୟ । ଏହାଛଡା ଅର୍ଥ ସମ୍ପର୍କିତ ସମସ୍ତ ପ୍ରକାର ହିସାବ କାର୍ଯ୍ୟକୁ ସେକ୍ରେଟାରୀ ମାଆଲ୍ ସିଧାସଳଖ ଭାବରେ ତୁଲାଇଥାଆନ୍ତି ।

**ନାଏବ ସେକ୍ରେଟାରୀ ମାଆଲ୍ (ସହ ସଂପାଦକ ଅର୍ଥ)**

ସେକ୍ରେଟାରୀ ମାଆଲ୍ (ଅର୍ଥ ସଂପାଦକ)ଙ୍କ ଠାରୁ ତଥ୍ୟ ନେଇ ଚନ୍ଦା ବାକି ରଖିଥିବା ଲୋକମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବେ ଏବଂ ଚନ୍ଦାର ରାଶି ସଂପୂର୍ଣ୍ଣ ପରିଶୋଧ କରିବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବେ । ସେହିପରି ଆଦୌ ଚନ୍ଦା ଦେଇ ନଥିବା ଲୋକଙ୍କୁ ଚନ୍ଦା ଦେବା ପାଇଁ ପ୍ରୋତ୍ସାହିତ କରିବେ । ଏବଂ ଅର୍ଥ ଦାନ ବ୍ୟବସ୍ଥାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଇବେ ।

ନବଦୀକ୍ଷିତମାନଙ୍କୁ ଚନ୍ଦା ଦେବାର ଉପକାରିତା ବିଷୟରେ ଅବଗତ କରାଇ ଆର୍ଥିକ ଦାନ ବ୍ୟବସ୍ଥାରେ ସଭ୍ୟଭୁକ୍ତ କରାଇବା ସହିତ ଏକ ସକ୍ରିୟ ସଭ୍ୟ ରୂପେ ପ୍ରସ୍ତୁତ କରିବା ସହ ସଂପାଦକ ଅର୍ଥଙ୍କ ଦାୟିତ୍ୱ ।

**ସେକ୍ରେଟାରୀ ଓସାୟା (ସମ୍ପାଦକ ଇଚ୍ଛାପତ୍ର)**

ଇଚ୍ଛାପତ୍ର ଦ୍ୱାରା ଅର୍ଥ ଦାନର ବ୍ୟବସ୍ଥା ଭୁକ୍ତ ଅହମଦୀୟା ସଭ୍ୟ ଓ ସଭ୍ୟାମାନଙ୍କ ଠାରୁ ସର୍ବ ନିମ୍ନ ଏକ-ଦଶମାଂଶ ଆୟ ଓ ସମ୍ପତ୍ତି ମଧ୍ୟରୁ ଚନ୍ଦା ଭାବରେ ଆଦାୟ କରିବା ପାଇଁ ସ୍ୱତନ୍ତ୍ର ସଂପାଦକ ମୁତୟନ କରିବା ପାଇଁ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ଅଧିକ ଜୋର ଦେଇଛନ୍ତି । ନିଜେ ମୁସି ବା ଇଚ୍ଛାପତ୍ରଧାରୀ ବ୍ୟକ୍ତି ହିଁ ଏହି ପଦବୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ଏହି ଆର୍ଥିକ ବ୍ୟବସ୍ଥା ଏକ ଅସାଧାରଣ ତ୍ୟାଗକୁ ସୂଚାଉଛି । ସୁତରାଂ ପ୍ରିୟ ହଜୁର[ଅବ]ଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ ଜମାଅତର ଶତକଡ଼ା ୫୦ଭାଗ ସଦସ୍ୟଙ୍କୁ ଏହି ପବିତ୍ର ଅନୁଷ୍ଠାନରେ ଅନ୍ତର୍ଭୁକ୍ତ କରାଇବା ପାଇଁ ପ୍ରଚେଷ୍ଟା କରିବା ସେକ୍ରେଟାରୀ ଓସାୟାଙ୍କ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍ । ତାହା ଛଡ଼ା 'ଦଫ୍ତର୍ ବେହେସ୍ତି ମକ୍‌ବରା' ଅର୍ଥାତ୍ ସ୍ୱର୍ଗଦ୍ୱାର କାର୍ଯ୍ୟାଳୟ,

କାଦିୟାନ୍‌ରୁ ପ୍ରାପ୍ତ ସମସ୍ତ ପ୍ରକାରର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ତଥା ଇଚ୍ଛାପତ୍ରଧାରୀଙ୍କ ସଂଖ୍ୟା ବଢାଇବା ଇତ୍ୟାଦି ସ୍ଥାନୀୟ ଜମାଅତ୍‌ର ସେକ୍ରେଟାରୀ ଓସାୟାଙ୍କ କାର୍ଯ୍ୟ ପରିସରଭୁକ୍ତ । ଓସିୟତ୍ ସମ୍ପର୍କୀୟ ସମସ୍ତ ସର୍ତ୍ତମୂଳକ ତଥ୍ୟ ଓ ନିୟମାବଳୀ ପ୍ରତି ସଭ୍ୟ/ସଭ୍ୟାମାନଙ୍କର ମାର୍ଗଦର୍ଶନ କରାଇବା ହେଉଛି ଦାୟିତ୍ୱ ହେଉଛି ତାଙ୍କର ଅନ୍ୟତମ କାର୍ଯ୍ୟ ।

**ସେକ୍ରେଟାରୀ ଇଶାଅତ (ପ୍ରକାଶନ ସଂପାଦକ)**

ନିଜାରତ ନଶର୍ ଓ ଇଶାଅତ୍ (କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ) ବିଭାଗର ସଚିବଙ୍କ ମାର୍ଗଦର୍ଶନ ଅନୁଯାୟୀ ସ୍ଥାନୀୟ ଜମାଅତରେ ବିଭିନ୍ନ ପ୍ରକାରର ଲେଖା, ପ୍ରଚାରପତ୍ର, ପୁସ୍ତକ ପୁସ୍ତିକା ତଥା ଧର୍ମଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ଓ ପତ୍ରପତ୍ରିକାର ପ୍ରସାରଣ କରିବା ହେଉଛି ପ୍ରକାଶନ ସମ୍ପାଦକଙ୍କ କାର୍ଯ୍ୟ ।

**ଆଡିସିନାଲ୍ ସେକ୍ରେଟାରୀ ଇଶାଅତ୍ (ଏମ୍.ଟି.ଏ. ପାଇଁ)**

ଏମ୍.ଟି.ଏ. (ମୁସଲିମ୍ ଟେଲିଭିଜନ୍ ଅହମଦୀୟା) ନାମକ ଚାନେଲ୍ ମାଧ୍ୟମରେ ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ସ୍ଥାନୀୟ ଜମାଅତରେ ଘରେ ଘରେ ପ୍ରଚଳନ କରିବା ପାଇଁ କେନ୍ଦ୍ରୀୟ ନଶର୍ ଓ ଇଶାଅତ୍ ବିଭାଗର ମାର୍ଗ ଦର୍ଶନ ନେବା ହେଉଛି ସହ ସମ୍ପାଦକ (ଏମ୍.ଟି.ଏ. ପ୍ରସାରଣ)ଙ୍କ କାର୍ଯ୍ୟ ।

**ସେକ୍ରେଟାରୀ ଜାଏଦାଦ୍ (ସମ୍ପତ୍ତି ସୁରକ୍ଷା ସମ୍ପାଦକ)**

ନିଜାମାତ୍ ଜାଏଦାଦ୍ ବିଭାଗର ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ଜମାଅତର ନିଜସ୍ୱ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱ ସେକ୍ରେଟାରୀ ଜାଏଦାଦଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏହି ସମସ୍ତ ସମ୍ପତ୍ତିର ମାଲିକାନା ସ୍ୱତ୍ୱ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ୍‌ଙ୍କ ନାମରେ ରେଜିଷ୍ଟ୍ରିଭୁକ୍ତ ହେବା ଉଚିତ୍ ଏବଂ ସମ୍ପୃକ୍ତ ଦଲିଲର ନଥିପତ୍ରକୁ ରେକର୍ଡ଼ ଭୁକ୍ତ କରିବା ସକାଶେ କାଦିୟାନ୍‌କୁ ପଠାଯିବାର ବ୍ୟବସ୍ଥା ସେକ୍ରେଟାରୀ ଜାଏଦାଦ୍ କରିବା ଉଚିତ୍ ।

ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରି ଗୋଟିଏ ରେଜିଷ୍ଟର୍‌ରେ ଉଲ୍ଲେଖ ରଖିବା ସହିତ ଏହାର ଏକକିତା ନକଲ କେନ୍ଦ୍ରର ନିଜାମତେ ଜାଏଦାଦଙ୍କ ଗୋଚରାର୍ଥେ ପଠାଇବା ଅତ୍ୟନ୍ତ ଜରୁରୀ ।

**ସେକ୍ରେଟାରୀ ଜିଆଫତ (ଖାଦ୍ୟପେୟ ସଂପାଦକ)**

ଅମିର କିମ୍ବା ସଦରଙ୍କ ନିର୍ଦ୍ଦେଶ ଅନୁସାରେ ଆଗନ୍ତୁକ ଅତିଥିମାନଙ୍କ ଆତିଥ୍ୟ ଓ ମନୋରଞ୍ଜନ ସକାଶେ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ଏହି ସେକ୍ରେଟାରୀ ହିଁ କରିଥାନ୍ତି ।

**ସେକ୍ରେଟାରୀ ତହେରିକ୍ ଯଦିଦ୍ (ନବୀନ ପ୍ରଗତି ଧାରା ସଂପାଦକ)**

କେନ୍ଦ୍ରୀୟ ଓକାଲତେ ମାଆଲ୍ (ଅର୍ଥନୀତି କାର୍ଯ୍ୟାଳୟ)ରୁ ପ୍ରାପ୍ତ ନିର୍ଦ୍ଦେଶ ଅନୁସାରେ ଚନ୍ଦା ତେହରିକ୍ ଯଦିଦ୍ ସମ୍ବନ୍ଧରେ ତଥ୍ୟ ଗ୍ରହଣ କରି ସ୍ଥାନୀୟ ଜମାଅତର ସଭ୍ୟ ଓ ସଭ୍ୟାମାନଙ୍କୁ ଏହାର ତାତ୍ପର୍ଯ୍ୟ ବୁଝାଇବା ଦାୟିତ୍ୱ ସେକ୍ରେଟାରୀ ତେହରିକ୍ ଯଦିଦ୍‌ଙ୍କର କାର୍ଯ୍ୟ । ପ୍ରତ୍ୟେକ ବର୍ଷ ନଭେମ୍ବର ମାସରେ ନୂତନ ଆର୍ଥିକ ବର୍ଷର ଘୋଷଣା ପ୍ରାରମ୍ଭରୁ ହିଁ ସ୍ଥାନୀୟ ଜମାଅତର ଲୋକମାନଙ୍କୁ ଭେଟିବା ଓ ସେମାନଙ୍କ ଠାରୁ ତେହରିକ୍ ଯଦିଦ୍ ଚନ୍ଦା ଏକ ନିର୍ଦ୍ଦିଷ୍ଟ ହାରରେ ଆଦାୟ କରିବା ତଥା ଏହି ଅର୍ଥ ଯୋଜନାରେ ସେମାନଙ୍କ ଦ୍ୱାଦାର ପରିମାଣ ଉଲ୍ଲେଖ କରି ଚନ୍ଦା ଦେଉଥିବା ପୁରୁଷ ଓ ମହିଳାଙ୍କ ଏକ ତାଲିକା ସମେତ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବେ ଏବଂ କେନ୍ଦ୍ରର ସମ୍ପୃକ୍ତ ବିଭାଗକୁ ପଠାଇବାକୁ ପଡିବ । ଏହି ତାଲିକାର ଏକକିତା ନକଲ ନିଜ ସ୍ଥାନୀୟ ଜମାଅତ ନିକଟରେ ରହିବ । ତେହରିକ୍ ଯଦିଦ୍ ବା ନବୀନ ଅର୍ଥ ଯୋଜନା ସକାଶେ ସଂଗୃହୀତ ରାଶି ଜମାଅତର ସେକ୍ରେଟାରୀ ମାଆଲ(ଅର୍ଥ ସଂପାଦକ)ଙ୍କ ଠାରେ ଜମା କରାଇବା ମଧ୍ୟ ତାଙ୍କର ଦାୟିତ୍ୱ । ତା'ପରେ ସେକ୍ରେଟାରୀ ମାଆଲ୍ ଏହି ସମସ୍ତ ଚନ୍ଦା କେନ୍ଦ୍ରୀୟ ମହାସିବ (ମୁଖ୍ୟ ହିସାବ ରକ୍ଷକ)ଙ୍କ ଦପ୍ତରକୁ ପଠାଇବେ ।

**ସେକ୍ରେଟାରୀ ୱକ୍‌ଫେ ଯଦିଦ୍ (ନୂତନ ଧନତ୍ୟାଗ ସମ୍ପାଦକ)**

ସେକ୍ରେଟାରୀ ୱକ୍‌ଫେ ଯଦିଦ୍‌ଙ୍କ ଦାୟିତ୍ୱ ସେକ୍ରେଟାରୀ ତେହରିକ ଯଦିଦଙ୍କ ପରି ହେବ । କେନ୍ଦ୍ରରେ ରହିଥିବା ୱକ୍‌ଫେ ଜଦିଦ୍ କାର୍ଯ୍ୟାଳୟଙ୍କ ନିର୍ଦ୍ଦେଶନାମା ଅନୁସାରେ ଏହି ଆର୍ଥିକ ପାଣ୍ଠିର ସଂପାଦକ କାର୍ଯ୍ୟ କରିବେ ଏବଂ ତେହରିକ୍ ଜଦିଦ୍ ସଂପାଦକଙ୍କ କାର୍ଯ୍ୟଧାରା ପରି ନିଜର ଦାୟିତ୍ୱ ତୁଲାଇବେ ।

**ସେକ୍ରେଟାରୀ ୱ୍‌କ୍‌ଫେ ନୌ (ସନ୍ତାନ ଉତ୍ସର୍ଗ ଯୋଜନା ସଂପାଦକ)**

ନବଜାତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଆଜୀବନ ସେବାମୂଳକ ଏହି ଯୋଜନାରେ ସାମିଲ ହୋଇଥିବା ଉତ୍ସର୍ଗୀକୃତ ବାଳକ ବାଳିକାମାନଙ୍କ ପରିଚୟ ପତ୍ରର ରେକର୍ଡ଼ ଓ ବ୍ୟକ୍ତିଗତ ଫାଇଲରେ ନଥିପତ୍ର ଗୁଡିକ ସଂରକ୍ଷିତ କରି ରଖିବା, ଏବଂ କେନ୍ଦ୍ରୀୟ ଶିକ୍ଷା ସଚିବ (ନାଜର୍ ତାଆଲିମ୍)ଙ୍କ ନିର୍ଦ୍ଦେଶକୁ ଯଥା ରୀତି ପାଳନ କରିବା ଦାୟିତ୍ୱ ହେଉଛି ଏହି ସମ୍ପାଦକଙ୍କର । ୱ୍‌କ୍‌ଫେ ନୌ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ସଂସ୍କାର ତଥା ପ୍ରଶିକ୍ଷଣ କ୍ଲାସର ଆୟୋଜନ କରିବା ଦାୟିତ୍ୱ ଏହି ସଂପାଦକ ତୁଲାଇବେ । ଏହାଛଡ଼ା ଏହି ୱ୍‌କ୍‌ଫେ ନୌ ପିଲାମାନଙ୍କ ସକାଶେ ଉଦ୍ଦିଷ୍ଟ 'କ୍ୟାରିୟର ପ୍ଲାନିଙ୍ଗ' କମିଟିରେ ସେମାନଙ୍କ ବିଷୟରେ ଯଥା ସମୟରେ ସମସ୍ତ ତଥ୍ୟ ଉପସ୍ଥାପନ କରିବା ମଧ୍ୟ ସଂପୃକ୍ତ ସେକ୍ରେଟାରୀଙ୍କ ଦାୟିତ୍ୱ ।

**ମହାସିବ ଓ ଅମୀନ (ହିସାବ ରକ୍ଷକ ଓ ତତ୍ତ୍ୱାବଧାରକ)**

ହିସାବ ରକ୍ଷା ତଥା ଏହାର ତତ୍ତ୍ୱାବଧାରକ ଉଭୟ ଦାୟିତ୍ୱ ସ୍ଥାନୀୟ ଜମାଅତ୍‌ର ସେକ୍ରେଟାରୀ ମା'ଲ୍‌ଙ୍କ ଉପରେ ନ୍ୟସ୍ତ ଥାଏ । ଯଦି ସେକ୍ରେଟାରୀ ମା'ଲ୍‌ଙ୍କ କାର୍ଯ୍ୟଭାର ବହୁ ମାତ୍ରାରେ ବଢିଯାଏ, ସେପରି ସ୍ଥଳେ ମହାସିବ ଓ ଅମିନଙ୍କ ନିଯୁକ୍ତି ହୋଇଥାଏ । କିନ୍ତୁ ଏହି ଦୁଇଟି ପଦ କୌଣସି ସ୍ଥାନୀୟ ଜମାଅତରେ ଆପାତତଃ ଦେଖାଯାଏ ନାହିଁ । ମହାସିବ୍‌ଙ୍କ କାର୍ଯ୍ୟ ହେଉଛି ସ୍ଥାନୀୟ ଜମାଅତର ସମସ୍ତ ଅର୍ଥର ହିସାବ ରଖିବା ଏବଂ ଅମିନଙ୍କ କାର୍ଯ୍ୟ ହେଉଛି ସେକ୍ରେଟାରୀ ମାଆଲ୍‌ଙ୍କ ଠାରୁ ପଇସା ନେଇ ହିସାବ କରି ମରକଜକୁ ପେଠ କରିବା ସମୟରେ ସମସ୍ତ ଅର୍ଥ ରାଶି ସେକ୍ରେଟାରୀ ମା'ଲଙ୍କ ଜିମାରେ ଦେଇ ଦେବା ।

**ଅଡ଼ିଟର (ସମୀକ୍ଷକ)**

ନିୟମ ଅନୁସାରେ ସ୍ଥାନୀୟ ଜମାଅତ ଆଦାୟ ଚନ୍ଦାର ହିସାବକୁ ସମୀକ୍ଷା କରିବା ପାଇଁ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ୍‌ଙ୍କ ତରଫରୁ ଜଣେ ଲେଖାଏଁ ଅଡ଼ିଟର ମୁତୟନ ହୋଇଥାଆନ୍ତି । ସେମାନଙ୍କ ଦାୟିତ୍ୱ

ହେଉଛି ସ୍ଥାନୀୟ ଜମାଅତର ଆୟବ୍ୟୟ ତଥା ସଂଗୃହୀତ ଜମାରାଶିର ତନଖି କରିବା, ଜମାଅତର ରେଜିଷ୍ଟରରେ ଦେଖିବା ଏବଂ ରେଜିଷ୍ଟରରେ ନିଜ ମତ ଲେଖିବା, ହିସାବ ଜନିତ କାର୍ଯ୍ୟକୁ ତଦାରଖ କରି ଭ୍ରମ ସଂଶୋଧନ କରିବା, ସ୍ଥାନୀୟ ଜମାଅତର ତ୍ରୟୋମାସିକ ରିପୋର୍ଟ ତଥା ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ରୀୟ ନିଜାରତ୍ ବୈତୁଲ ମା'ଲ୍ ଆମଦ୍‌କୁ ପଠାଇବା ଏବଂ ଏହାର ଏକକିତା ନକଲ ସ୍ଥାନୀୟ ଅମିର /ସଦରଙ୍କୁ ଦେବା ଇତ୍ୟାଦି କାର୍ଯ୍ୟ ଅନ୍ତର୍ଭୁକ୍ତ। ଏ ସମସ୍ତ ରିପୋର୍ଟ ସ୍ଥାନୀୟ ଜମାଅତର ସେକ୍ରେଟାରୀ ମାଲ୍, 'ମଜଲିସ୍ ଆମିଲା' ସଭାରେ ଉପସ୍ଥାପନ କରିଥାନ୍ତି।

## ଫରାଏଜ୍ ମୋହସିଲ (ଋନ୍ଦା ଆଦାୟକାରୀଙ୍କ କର୍ତ୍ତବ୍ୟ)

ନିଜ ନିଜ ଅଞ୍ଚଳରେ ଅର୍ଥାତ୍ ସ୍ଥାନୀୟ ଜମାଅତରେ ନିଜର ପରିଚୟ ଦେଇ ଜମାଅତର ପ୍ରତ୍ୟେକ ସଭ୍ୟ / ସଭ୍ୟାମାନଙ୍କ ଠାରୁ ଋନ୍ଦା ଗ୍ରହଣ କରି ରସିଦ୍ ବହିରୁ ରସିଦ୍ କାଟି ଦେବା ଏବଂ ଏହି ସମସ୍ତ ପଇସା ଓ ରସିଦ୍ ବହି ସେକ୍ରେଟାରୀ ମା'ଲ୍‌ଙ୍କ ନିକଟରେ ଜମା କରିବା ଇତ୍ୟାଦି ହେଉଛି ଏହି ଋନ୍ଦା ଆଦାୟକାରୀ 'ମୋହସିଲ୍'ମାନଙ୍କ କାର୍ଯ୍ୟ।

# ଜିଲ୍ଲା ଅମିର୍ ଓ କର୍ମକର୍ତ୍ତା ନିର୍ବାଚନ ବିଧି

## ଏବଂ

# ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ଉପଦେଶ ଓ ନିର୍ଦ୍ଦେଶନାମା

ଭାରତବର୍ଷରେ ପ୍ରଥମେ ରାଜ୍ୟସ୍ତରୀୟ 'ଅମିର୍' (ପ୍ରଶାସନ ମୁଖ୍ୟ)ଙ୍କ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିଲା । ପୁଣି ତାହା ଜୋନାଲ (ଆଞ୍ଚଳିକ) ବ୍ୟବସ୍ଥାରେ ପରିବର୍ତ୍ତିତ ହେଲା । ୨୦୧୩ ମସିହା ଠାରୁ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] ଜିଲ୍ଲାଇ ଅମିର ବ୍ୟବସ୍ଥା ପ୍ରଚଳନ କଲେ । ଯେଉଁ ଜିଲ୍ଲାରେ ପାଞ୍ଚୋଟି ବା ତହିଁରୁ ଅଧିକ ଜମାଅତ ରହିଛି, ସେଠାରେ ଜିଲ୍ଲାଇ ଅମିର ପ୍ରଶାସନ ଗଠନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ସୁତରାଂ ଅଲ୍ଲାଃଙ୍କ କରୁଣାରୁ ବର୍ତ୍ତମାନ ଆମ ଦେଶରେ ୧୧୩ଟି ଜିଲ୍ଲାଇ ଅମିର ପ୍ରଶାସନ ପ୍ରତିଷ୍ଠା କରାଯାଇଛି ।

ନିମ୍ନରେ ଜିଲ୍ଲାଇ ଅମିରଙ୍କ ନିର୍ବାଚନ / ମନୋନୟନ ଏବଂ ତାଙ୍କର 'ଆମିଲା' କାର୍ଯ୍ୟବାହୀ କମିଟିକୁ ମନୋନୀତ କରିବା ପାଇଁ ଆବଶ୍ୟକୀୟ ନିୟମ ଓ ନିର୍ଦ୍ଦେଶ ଉଲ୍ଲେଖ କରାଗଲା:

**ବିଧି ନଂ ୨୯୬:** ଏକରୁ ଅଧିକ ଶାଖା ଜମାଅତକୁ ମିଶାଇ ମଣ୍ଡଳ, ଜିଲ୍ଲା, ଆଞ୍ଚଳିକ, ପ୍ରାଦେଶିକ କିମ୍ବା ଜାତୀୟ ସ୍ତରରେ ଅଞ୍ଜୁମନ (ସଂଘୀୟ ବ୍ୟବସ୍ଥା) ଗଠନ କରାଯିବା ବିଧିସଂଗତ ହେବ । ଏପରି ବ୍ୟବସ୍ଥାରେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ତଳ ସ୍ତରୀୟ ବ୍ୟବସ୍ଥା ତାହାର ଉପରିସ୍ଥ ବ୍ୟବସ୍ଥା ଅଧୀନରେ ରହିବ । ଏ ସମସ୍ତ ବ୍ୟବସ୍ଥା କେନ୍ଦ୍ରୀୟ ବ୍ୟବସ୍ଥାର କର୍ତ୍ତୃତ୍ୱାଧୀନରେ ପରିଚାଳିତ ହେବେ ।

**ବିଧି ନଂ ୨୯୮:** ଗୋଟିଏ ହଲ୍କା (ମଣ୍ଡଳ)ର ଅମିରଙ୍କ ପରିସର ପରିସ୍ଥିତକୁ ଦେଖି ନାଜର ଆ'ଲା ନିର୍ଦ୍ଧାରଣ କରିବେ । ଏହା ଅତି କମ୍‌ରେ ପାଞ୍ଚୋଟି ସ୍ଥାନୀୟ ଶାଖା ଜମାଅତକୁ ନେଇ ପର୍ଯ୍ୟବସିତ ହେବ ।

**ଟିପ୍ପଣୀ :** ଯେପରି ଆଗରୁ କୁହାଯାଇଛି, ଭାରତର ଯେଉଁ ଜିଲ୍ଲାମାନଙ୍କରେ ପାଞ୍ଚ କିମ୍ବା ତା'ଠାରୁ ଅଧିକ ଶାଖା ଜମାଅତ ରହିଛି, ସେଠାରେ ଜିଲ୍ଲାଇ ଅମାରତ୍ (ଜିଲ୍ଲାସ୍ତରୀୟ ଅମିର ପ୍ରଶାସନ) ଗଠନ କରିବା ପାଇଁ ହଜୁର[ଅବ] ସ୍ୱୀକୃତି ପ୍ରଦାନ କରିଛନ୍ତି ।

## ଜିଲ୍ଲା ଅମିରଙ୍କ ନିର୍ବାଚନ ବିଧି:

୧) ଜିଲ୍ଲାର ସମସ୍ତ ଜମାଅତର ଅମିର ଓ ସଦରମାନଙ୍କ ମାଧ୍ୟମରେ ଜିଲ୍ଲା ଅମିର ଓ ସଦରମାନଙ୍କ ମାଧ୍ୟମରେ ଜିଲ୍ଲା ଅମିରଙ୍କ ନିର୍ବାଚନ କରାଯିବ । ସେହି ଜିଲ୍ଲାର ଯେକୌଣସି ଜମାଅତର ସଭ୍ୟଙ୍କ ନାମ ଅମିର ଜିଲ୍ଲାଇ ପାଇଁ ଉପସ୍ଥାପନ କରାଯାଇ ପାରିବ । କିନ୍ତୁ ସର୍ତ୍ତ ହେଉଛି ଯେ ସେ ନିୟମିତ ଭାବେ ଚନ୍ଦା ଦେଉଥିବେ ଓ କୌଣସି ବାକି ରଖି ନଥିବେ । ଅର୍ଥାତ୍ ବିଧି ନଂ ୩୨୯ର ନିୟମ ପୂରଣ କରୁଥିବେ ।

୨) ସ୍ଥାନୀୟ ଅମିର / ସଦର ସେହି ନିର୍ବାଚନ ପ୍ରକ୍ରିୟାରେ ନିଜେ ହିଁ ଅଂଶ ଗ୍ରହଣ କରିବେ ତ ଠିକ୍ କଥା । କିନ୍ତୁ ତାଙ୍କର କୌଣସି ପ୍ରତିନିଧି ନିର୍ବାଚନରେ ସାମିଲ ହୋଇ ପାରିବେ ନାହିଁ ।

୩) ନିର୍ବାଚନ ପାଇଁ ଅନୁଷ୍ଠିତ ହେଉଥିବା ପ୍ରଥମ କିମ୍ବା ଦ୍ୱିତୀୟ ସଭାରେ ଜିଲ୍ଲା ଅମିରଙ୍କ ଭୋଟଦାନ ସକାଶେ କୋରମ୍ ଅଧାରୁ କମ୍ ହେବ ନାହିଁ ।

କୌଣସି ଅନିବାର୍ଯ୍ୟ କାରଣ ନଥିଲେ କୌଣସି ଜମାଅତର ଅମିର ବା ସଦର ଏହି ସଭାରେ ଅନୁପସ୍ଥିତ ରହିବେ ନାହିଁ ।

୪) ଜିଲ୍ଲା ଅମିର ପାଇଁ ଅତିକମ୍‌ରେ ୪ (ଚାରି)ଗୋଟି ନାମର ପ୍ରସ୍ତାବ ଆଗତ କରା ଯାଇପାରିବ ।

୫) ପ୍ରତ୍ୟେକ ସଭ୍ୟ ୩ଟି ଭୋଟ ଦେବା ଅନିବାର୍ଯ୍ୟ । ପ୍ରତ୍ୟେକ ସଭ୍ୟ ୩ଟି ନାମ ଉପସ୍ଥାପନ କରିପାରିବେ ଓ ୩ଜଣକ ପାଇଁ ସମର୍ଥନ କରିପାରିବେ । ଅର୍ଥାତ୍ (ଆବଶ୍ୟକ ପଡିଲେ ଜଣେ ସଭ୍ୟ ଏକରୁ

ଅଧିକ ନାମ ପ୍ରସ୍ତାବ କରିପାରିବ ଏବଂ ଏକାଧିକ ନାମ ପାଇଁ ସମର୍ଥନ କରିପାରିବ)

୬) ଆଗତ ହେଉଥିବା ପ୍ରାର୍ଥୀଙ୍କ ନାମ, ବୈୟତ କରିଥିବା ବର୍ଷ, ଶିକ୍ଷାଗତ ଯୋଗ୍ୟତା, ବୟସ, ବୃତ୍ତି, ଅତୀତରେ ଜମାଅତ ପାଇଁ ସେବା ମୂଳକ କାର୍ଯ୍ୟ ଇତ୍ୟାଦି ସମସ୍ତ ତଥ୍ୟ ରଖିବାକୁ ହେବ ।

୭) ପ୍ରତ୍ୟେକ ପ୍ରାର୍ଥୀଙ୍କ ନାମ ପାଖରେ ପାଇଥିବା ଭୋଟସଂଖ୍ୟା ବିସ୍ତାରପୂର୍ବକ ଉଲ୍ଲେଖ କରାଯିବ ।

୮) ଜିଲ୍ଲା ଅମିର୍‌ଙ୍କ ନିର୍ବାଚନ ସଭାରେ ପ୍ରାର୍ଥୀ ଭାବେ ନାମ ଦିଆ ଯାଇଥିବା ଜଣେ ନିରପେକ୍ଷ ବ୍ୟକ୍ତିଙ୍କୁ ସଭାପତି କରିବା ଉଚିତ୍ । ଅଥବା ଜଣେ ମୁରବ୍‌ବିଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ପରିଚ୍ଚଳନା କରାଯାଇପାରେ ।

ଅବଶ୍ୟ ନାଜର ଆ'ଲା କାଦିୟାନଙ୍କ ତରଫରୁ ଜିଲ୍ଲାଇ ଅମିରମାନଙ୍କ ନିର୍ବାଚନ ପାଇଁ କେନ୍ଦ୍ରୀୟ ପ୍ରତିନିଧି ନିଯୁକ୍ତ କରାଯାଇ ସେମାନଙ୍କୁ ଜଣାଇ ଦିଆଯିବ । ସେ ପର୍ଯ୍ୟବେକ୍ଷକ ରୂପେ ନିର୍ବାଚନକୁ ପରିଚାଳନା କରିବେ ।

(୯) ନାଏବ ଅମିର ପଦର ନିର୍ବାଚନ ସମ୍ବନ୍ଧରେ ହଜୁର ଅନଓ୍ୱର[ଅବ]ଙ୍କ ନିର୍ଦ୍ଦେଶ ହସ୍ତଗତ ହୋଇଅଛି କି ? ଭାରତରେ ଯେଉଁ ଯେଉଁ ସ୍ଥାନରେ ଅମିର ଜିଲ୍ଲା ନିର୍ବାଚିତ ହୋଇଛନ୍ତି, ତାହା ତଦାରଖ କରି ସେମାନଙ୍କ ମଧ୍ୟରୁ ଜଣେ ବା ଆବଶ୍ୟକ ସ୍ଥଳେ ଦୁଇ ଜଣ ନାଏବ ନିର୍ବାଚନ କରିବା ଉଚିତ୍ । (**ଦ୍ରଷ୍ଟବ୍ୟ**: WTT-4856/14-6-16)

୧୦) ଜିଲ୍ଲାଇ ଅମିରମାନଙ୍କ ନିର୍ବାଚନ ଓ ନାଏବ ଅମିର ଜିଲ୍ଲାଙ୍କ ନାମାଙ୍କନ ରିପୋର୍ଟ ହଜରତ ଖଲିଫତୁଲ୍ ମସିହଙ୍କ ସେବାରେ ପଠାଯାଇ ମଞ୍ଜୁରୀ ବା ନିର୍ଦ୍ଦେଶ ହାସଲ କରାଯିବା ପରେ ଅବଗତ କରାଯିବ ।

## ଜିଲ୍ଲାଇ ମଜଲିସ୍ ଆମିଲା (ଜିଲ୍ଲା ପରିଷଦ) ଗଠନ ପାଇଁ ନିୟମ

**ବିଧି ନଂ ୩୬୦ :** (କ) ଜିଲ୍ଲା ଅମିର ନିଜର ସହାୟତା ପାଇଁ ଜିଲ୍ଲା ସ୍ତରରେ ମଜଲିସ୍ ଆମିଲା (କର୍ମକର୍ତ୍ତା ପରିଷଦ) ଗଠନ ପାଇଁ ପ୍ରସ୍ତାବ ପଠାଇ

କେନ୍ଦ୍ରୀୟ ପ୍ରଶାସନ ମୁଖ୍ୟଙ୍କ ନିର୍ଦ୍ଦେଶାଳୟରେ ମଞ୍ଜୁରୀ ଲାଭ କରିବାର ପୂର୍ଣ୍ଣ ଅଧିକାର ରହିଛି ।

(ଖ) ଜିଲ୍ଲାର ମଜଲିସ୍ ଆମିଲା ଗଠନ ପାଇଁ ନାଏବ ଅମିର ଏବଂ ସେ ସମସ୍ତ କର୍ମକର୍ତ୍ତାଙ୍କ ନାମକୁ ଜିଲ୍ଲାଇ ଅମିର ମନୋନିତ କରିବେ, ଯେଉଁ ମାନେ ବିଭିନ୍ନ କେନ୍ଦ୍ର ବିଭାଗରେ ନିଜ କାର୍ଯ୍ୟ ତୁଲାଇ ପାରୁଥିବେ ସେମାନେ ମଧ୍ଯ ନିଜ ବିଭାଗର ସେକ୍ରେଟାରୀ ବୋଲାଇବେ ।

ସେହିପରି ଏହି ମଜଲିସ୍ ଆମିଲାର ସଦସ୍ୟ ରୂପେ ଜିଲ୍ଲା ନାଜିମ୍ ଅନ୍‌ସାରୁଲ୍ଲାଃ, କାଏଦ୍ ଜିଲ୍ଲା ଖୁଦ୍ଦାମୁଲ୍ ଅହମଦୀୟା ଏବଂ ମୁରବ୍‌ବି ଜିଲ୍ଲା ମଧ୍ଯ ରହିବ ।

(ଗ) ଜିଲ୍ଲା ଅମିର ନିଜ ଆମିଲା ପାଇଁ କେବଳ ଜଣେ ଏଭଳି କର୍ମକର୍ତ୍ତାଙ୍କ ନାମ ମନୋନୀତ କରିବେ ଯେଉଁ ବ୍ୟକ୍ତି ବିଧି ନଂ ୩୨୯ ଅନୁଯାୟୀ ଭୋଟ ଦେବା ଓ ପଦବୀ ପାଇବାର ଯୋଗ୍ୟତା ଅର୍ଜନ କରୁଥିବେ ।

**ଜରୁରୀ ସୂଚନା :** ଯେପରି ଆଗରୁ କୁହାଯାଇଛି, ହଜୁର ଅନଓ୍ୱର[ଅବ] କାଦିୟାନରେ କେନ୍ଦ୍ରୀୟ ନିର୍ବାଚନ କମିଟି ନିଯୁକ୍ତ କରିଛନ୍ତି । ଜିଲ୍ଲା ସ୍ତରୀୟ ଅମିରମାନଙ୍କ ଦ୍ୱାରା ଜିଲ୍ଲାଇ ମଜଲିସ୍ ଆମିଲା ପାଇଁ ଯେଉଁ ନାମର ପ୍ରସ୍ତାବ ପଠା ଯାଇଥିବ, ତାହାର Clearance Report (ଅନୁମୋଦନ ପତ୍ର) ନଜାରତ୍ ବୈତୁଲ ମାଆଲ୍ ଆମଦ୍ ଓ ନଜାରତ୍ ଉମୁରେ ଆମା (ଅର୍ଥ ଆୟ ବିଭାଗ ସଚିବ ଓ ସାଧାରଣ ବିଭାଗ ସଚିବ)ଙ୍କ ଠାରୁ ପ୍ରାପ୍ତ କରି ମୁଖ୍ୟ ପ୍ରଶାସନ କେନ୍ଦ୍ରୀୟ ନିର୍ବାଚନ କମିଟିରେ ଉପସ୍ଥାପନ କରିବେ । ଏହି କମିଟି ହିଁ ଜିଲ୍ଲାଇ ମଜଲିସ୍ ଆମିଲାର ମଞ୍ଜୁରୀ ଦେବେ ।

* ଜିଲ୍ଲାଇ ମଜଲିସ୍ ଆମିଲା ସକାଶେ ୧୩ଜଣ ସେକ୍ରେଟାରୀଙ୍କ ନାମ ନିମ୍ନରେ ପ୍ରଦତ୍ତ ହେଉଛି;

ଯଦି ଜିଲ୍ଲାରେ ଶାଖା ଜମାଅତର ସଂଖ୍ୟା ୧୦ଟିରୁ କମ୍ ରହିଛି ଏବଂ ତଜ୍‌ନିଦ୍ (ନାମାଙ୍କନ) ସଭ୍ୟସଂଖ୍ୟା ଅଧିକ ହୋଇ ନଥିବ, ତା' ହେଲେ ପ୍ରଥମ ୫ଟି ମୂଳ ପଦବୀ ପାଇଁ ଏବଂ ଅବଶିଷ୍ଟ ୮ଟି ପଦ ଯାହା ସେଠାକାର

ପରିସ୍ଥିତି ପାଇଁ ଜରୁରୀ, ସେମାନଙ୍କ ନାମ ଜିଲ୍ଲାଇ ସେକ୍ରେଟାରୀ ଭାବେ ପ୍ରସ୍ତାବ ପଠାଯିବା ଉଚିତ ।

ଯେଉଁ ଜିଲ୍ଲାରେ ଜମାଅତ ସଂଖ୍ୟା ୧୦ରୁ ଅଧିକ, ସେହି ଜିଲ୍ଲା ସ୍ତରୀୟ ମଜଲିସ୍ ଆମିଲା ପାଇଁ ସମସ୍ତ ୧୩ଟି ଯାକ ପଦବୀକୁ ଜିଲ୍ଲାଇ ସେକ୍ରେଟାରୀ ହିସାବରେ ପ୍ରସ୍ତାବ ଦିଆଯାଇପାରେ ।

ଏହା ଅଧିକ ସମିଚୀନ ହେବ, ଯଦି ଗୋଟିଏ ପଦବୀ ପାଇଁ ଦୁଇଟି ଲେଖାଏଁ ନାମର ପ୍ରସ୍ତାବ ଦିଆଯାଏ, ସେଥି ମଧ୍ୟରୁ ଜଣକର ନାମକୁ କେନ୍ଦ୍ରୀୟ ନିର୍ବାଚନ କମିଟି ମଞ୍ଜୁରୀ ଦେବେ ।

| | | |
|---|---|---|
| ୧) | ଜିଲ୍ଲାଇ ସମ୍ପାଦକ – | ଇସଲାହ ଓ ଇରଶାଦ୍ (ସଂସ୍କାର ଓ ସଞ୍ଚାଳନ) |
| ୨) | ଜିଲ୍ଲାଇ ସମ୍ପାଦକ – | ଦାଓ୍ୱତ ଇଲଲ୍ଲାଃ (ଅଲ୍ଲାଃଙ୍କ ଆଡ଼କୁ ନିମନ୍ତ୍ରଣ) |
| ୩) | ଜିଲ୍ଲାଇ ସମ୍ପାଦକ – | ତାଆଲିମୁଲ୍ କୁରଆନ୍ ଓ୍ୱକ୍‌ଫେ ଆରଜି (ଅସ୍ଥାୟୀ ଉତ୍ସର୍ଗୀକୃତଙ୍କ ପାଇଁ କୋରାନ୍ ଶିକ୍ଷା) |
| ୪) | ଜିଲ୍ଲାଇ ସମ୍ପାଦକ – | ଇଶାଅତ୍ ଓ ଏମ୍. ଟି. ଏ. (ପ୍ରକାଶନ ଓ ଏମ.ଟି.ଏ. ପ୍ରସାରଣ) |
| ୫) | ଜିଲ୍ଲାଇ ସମ୍ପାଦକ – | ମାଆଲ୍ (ଅର୍ଥ) |
| ୬) | ଜିଲ୍ଲାଇ ସମ୍ପାଦକ – | ତା'ଲିମ୍ (ଶିକ୍ଷାଦୀକ୍ଷା) |
| ୭) | ଜିଲ୍ଲାଇ ସମ୍ପାଦକ – | ଓ୍ୱକ୍‌ଫେ ନୌ (ସନ୍ତାନ ଉତ୍ସର୍ଗ) |
| ୮) | ଜିଲ୍ଲାଇ ସମ୍ପାଦକ – | ଓମୁରେ ଆମା ଓ ଖାରିଜା (ସାଧାରଣ ପ୍ରଶାସନ ଓ ବହିଃବ୍ୟାପାର) |
| ୯) | ଜିଲ୍ଲାଇ ସମ୍ପାଦକ – | ଓସାୟା (ଇଚ୍ଛାପତ୍ର ସଂକ୍ରାନ୍ତୀୟ) |
| ୧୦) | ଜିଲ୍ଲାଇ ସମ୍ପାଦକ – | ଜାଏଦାଦ୍ (ସମ୍ପତ୍ତି ରକ୍ଷା) |
| ୧୧) | ଜିଲ୍ଲାଇ ସମ୍ପାଦକ– | ତହେରିକ୍ ଜଦିଦ୍ (ନବୀନ ପ୍ରଗତିଧାରା ଯୋଜନା) |
| ୧୨) | ଜିଲ୍ଲାଇ ସମ୍ପାଦକ – | ଓ୍ୱକ୍‌ଫେ ଜଦିଦ୍ (ନୂତନ ଧନତ୍ୟାଗ ଯୋଜନା) |
| ୧୩) | ଜିଲ୍ଲାଇ ସମ୍ପାଦକ – | ରିସ୍ତାନା'ତା (ବିବାହ ଘଟସୂତ୍ର) |

## ଜିଲ୍ଲାଇ ଅମିରମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ

୧) ଜିଲ୍ଲାର ସମସ୍ତ ଜମାଅତର ନାମାଙ୍କନ ପ୍ରକ୍ରିୟାକୁ Update (ତଥ୍ୟ ନବୀକରଣ) ଏବଂ ମଜଲିସ୍ ଆମିଲା (ଜିଲ୍ଲା ପରିଷଦ)ର କାର୍ଯ୍ୟସୂଚୀ ଜିଲ୍ଲାଇ ଅମିରଙ୍କ ନିକଟରେ ରହିବା ଜରୁରୀ।

୨) ଜିଲ୍ଲାଇ ଅମିରଙ୍କ ଏକ ଅଫିସ୍ ହେବା ଜରୁରୀ ଯହିଁରେ ଫୋନ୍ / ଫ୍ୟାକ୍ସର ସୁବିଧା ରହିଥିବ। ତାଙ୍କ ନିକଟରେ ଜିଲ୍ଲାଇ ଆମିଲାର ସମସ୍ତ କର୍ମକର୍ତ୍ତାଙ୍କ ନିଜ ନିଜ ବିଭାଗର ଫାଇଲ ମଧ୍ୟ ରହିବ। ଏହି ବିଭାଗୀୟ ନଥିପତ୍ରକୁ ଟିକିନିଖି ଅନୁଧ୍ୟାନ କରି କେନ୍ଦ୍ରର ନିର୍ଦ୍ଦେଶାନୁସାରେ କାର୍ଯ୍ୟକାରୀ କରୁଥିବେ । ଯାହାଙ୍କର ଫ୍ୟାକ୍ସ ମେସିନ୍ ନାହିଁ, ସେ ନଜାରତ ଉଲିୟାଙ୍କୁ ଲିଖିତ ଆକାରରେ ଜଣାଇ ପ୍ରାପ୍ତ କରନ୍ତୁ।

୩) ସମସ୍ତ କେନ୍ଦ୍ରୀୟ ବିଭାଗର ନିର୍ଦ୍ଦେଶାଳୟ (ନଜାରତ) ଏବଂ ଉପ - ବିଭାଗ ମାନଙ୍କରୁ ମିଳୁଥିବା ନିର୍ଦ୍ଦେଶନାମା ଉପରେ ବିଧିବଦ୍ଧ ଭାବେ ପାଳନ କରିବା ଏବଂ ଆଚରଣ ବିଧିଗୁଡିକୁ ଯାଞ୍ଚ ପରଖ କରି ତଦନୁସାରେ ଏହାକୁ କାର୍ଯ୍ୟରେ ପରିଣତ କରିବା ହେଉଛି ଜିଲ୍ଲାଇ ଅମିର ଓ ପରିଷଦର କର୍ମକର୍ତ୍ତାମାନଙ୍କର ମୁଖ୍ୟ ଦାୟିତ୍ୱ।

୪) ସମସ୍ତ ଜମାଅତର ସମ୍ପାଦକମାନଙ୍କ ମାସିକ କାର୍ଯ୍ୟ କୁଶଳତା ବିବରଣୀ ନିୟମିତ ରୂପେ ପଠାଇବାର ବ୍ୟବସ୍ଥା କରିବାକୁ ହେବ।

୫) ଜିଲ୍ଲାଇ ଅମିରଙ୍କ ମାସିକ ଅଗ୍ରଗତି ରିପୋର୍ଟ ନିର୍ଦ୍ଧାରିତ ଫର୍ମରେ ପୂରଣ କରି ପଠାଇବାକୁ ହେବ।

୬) ପ୍ରତ୍ୟେକ ମାସରେ ଜିଲ୍ଲା ପରିଷଦର ଏକ ବୈଠକ ଡକାଯିବା ଜରୁରୀ।

୭) ବର୍ତ୍ତମାନ ଠାରୁ ସାମୟିକ ସାହାଯ୍ୟ ଜମାଅତର ଦରିଦ୍ର ଲୋକମାନେ ମାଗୁଥିବା ସାମୟିକ ସାହାଯ୍ୟ / ବିବାହ ପାଇଁ ଆର୍ଥିକ ସହାୟତା / ଅକର୍ମଣ୍ୟ ଓ ବିକଳାଙ୍ଗ ରୋଗରେ ପୀଡିତ ବ୍ୟକ୍ତିଙ୍କ ସାହାଯ୍ୟାର୍ଥେ ପତ୍ରାଳାପ କରିବା ପାଇଁ ଶ୍ରୀଯୁକ୍ତ ଖୁର୍‌ଶିଦ୍ ଅହମଦ୍ ସାହେବ ଅନ୍‌ୱର- ୱିକିଲୁଲ୍ ମାଲ୍ ତେହରିକ୍ ଜଦିଦ୍‌ଙ୍କ ସହିତ ଯୋଗାଯୋଗ କରନ୍ତୁ। ସେ

ବର୍ତ୍ତମାନ ହଜୁର[ଅବ]ଙ୍କ ଅନୁମତି କ୍ରମେ ସଦର ଖିଦ୍‌ମତ୍ ଖଲ୍‌କ (ଜନସେବା କମିଟି)ର ସଭାପତି, ଭାରତ ରୂପେ ଅବସ୍ଥାପିତ ହୋଇଛନ୍ତି ।

୮) ପ୍ରତ୍ୟେକ ମାସରେ ନିଜେ ଜିଲ୍ଲାଇ ଅମିର କିମ୍ବା ତାଙ୍କର ପ୍ରତିନିଧି ଜିଲ୍ଲାର ଜମାଅତ ମାନଙ୍କୁ ଗସ୍ତ କରନ୍ତୁ । ଏବଂ ନିମ୍ନଲିଖିତ ବିଷୟ ଉପରେ ବିଶେଷ ଭାବରେ ଅନୁଧ୍ୟାନ କରନ୍ତୁ ।

(I) M.T.A. ମାଧ୍ୟମରେ ହଜୁର ଅନଓ୍ୱର[ଅ]ଙ୍କ ଖୁତବା ଜୁମା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଲୋକମାନେ କିପରି ଭାବରେ ଉପକୃତ ହେଉଛନ୍ତି, ତାହା ଲକ୍ଷ୍ୟ କରନ୍ତୁ ଏବଂ ଏଥିରେ ହେଉଥିବା ଅବହେଳା ବା ଅଭାବ ସବୁକୁ ପ୍ରୟାସ କରନ୍ତୁ ।

(ii) ଲାଜ୍‌ମି (ଧାର୍ଯ୍ୟ ଚନ୍ଦା)ମାନ ତଥା ତହେରିକ୍ ଜଦିଦ୍ ଓ ଓ୍ୱକ୍‌ଫେ ଜଦିଦ୍‌ର ଆର୍ଥିକ ବଜେଟ୍ ତିଆରି କରି ମରକଜ୍‌କୁ ପଠାଗଲାଣି କି ନାହିଁ ତାହାର ତଦାରଖ କରନ୍ତୁ । ଏହି ସବୁ ଚନ୍ଦାର ଆଦାୟ ଓ ଚନ୍ଦାରେ ବୃଦ୍ଧି କରିବା ପ୍ରତି ବିଶେଷ ଗୁରୁତ୍ୱ ଦିଅନ୍ତୁ ।

(iii) ଓ୍ୱାକିଫିନେ ନୌ ଓ ଓ୍ୱାକେଫାତେ ନୌ (ଉତ୍ସର୍ଗୀକୃତ ପୁତ୍ର ସନ୍ତାନ ଓ କନ୍ୟା ସନ୍ତାନ)ଙ୍କ ସମ୍ବନ୍ଧରେ ସମୀକ୍ଷା କରନ୍ତୁ ।

(iv) କାଦିୟାନ ସ୍ଥିତ ଜାମିଆ ଅହମଦୀୟାରେ ଶିକ୍ଷା ଗ୍ରହଣ କରିବା ପାଇଁ ଜମାଅତର ତ୍ୟାଗନିଷ୍ଠ ଯୁବକମାନଙ୍କ ମଧ୍ୟରେ ଆଗ୍ରହ ଜନ୍ମାଇବା ଓ ସେମାନଙ୍କୁ ପଠାଇବା ପାଇଁ ପ୍ରୟାସ କରିବା ଉଚିତ ।

(v) ତା'ଲିମୁଲ୍ କୋରାନ୍ କ୍ଲାସ୍‌ର ବ୍ୟବସ୍ଥା, 'ଓ୍ୱକ୍‌ଫେ ଆର୍‌ଜି' ଅସ୍ଥାୟୀ ଭାବେ ଧର୍ମସେବା ପାଇଁ ସମୟର ତ୍ୟାଗ କରିବା ଯୋଜନାରେ ସାମିଲ ହେବା ପାଇଁ ପ୍ରବର୍ତ୍ତାଇବା ଓ ଏଥିପାଇଁ ଉଦ୍ୟମ ଜାରି ରଖିବା ଉଚିତ ।

(vi) ଦାଓ୍ୱତ୍ ଇଲଲ୍ଲାଃ କାର୍ଯ୍ୟକ୍ରମ ପାଇଁ ଆହ୍ୱାନକାରୀ ମାନଙ୍କୁ ପ୍ରସ୍ତୁତ କରିବା ଏବଂ ସେଥିରେ ସକ୍ରିୟ କରାଇବା ମଧ୍ୟ ଜିଲ୍ଲାଇ ଅମିରଙ୍କ ପ୍ରମୁଖ କାର୍ଯ୍ୟ ।

(vii) ଜମାଅତଗୁଡିକରେ ମସଜିଦ୍/ମିଶନ ହାଉସର ଅବସ୍ଥା କିପରି ରହିଛି, ରେଜେଷ୍ଟ୍ରି କରାଯାଇ ଥିବା ଅସଲ କାଗଜ ପତ୍ରକୁ କେନ୍ଦ୍ରରେ ଥିବା

ନିଜାମତ୍ ଜାଏଦାଦ୍ (ସମ୍ପତ୍ତି ଓ ଭୂ-ଅର୍ଜନ କାର୍ଯ୍ୟାଳୟ)କୁ ପଠା ଯାଇଛି କି ନାହିଁ, ମସଜିଦ୍ ବା ମିଶନ ନଥିବା ସ୍ଥାନରେ ନୂତନ ଭାବରେ ତାହାକୁ ନିର୍ମାଣ କରିବା ପାଇଁ କଣ ଯୋଜନା ରହିଛି ସେଥିପାଇଁ ଉଦ୍ୟମ ଅବ୍ୟାହତ ରଖିବାକୁ ହେବ ।

(viii) ଜମାଅତର ସମସ୍ୟା ଓ ଆଭ୍ୟନ୍ତରୀଣ କନ୍ଦଳ ଇତ୍ୟାଦିର ସମାଧାନ ଦିଗରେ 'ଇସଲାହି କମିଟି' କି କି ପଦକ୍ଷେପ ଗ୍ରହଣ କରିଛି । ସେଥିପାଇଁ ସୁଧାର କମିଟିକୁ ଅଧିକ ସକ୍ରୀୟ ଓ କାର୍ଯ୍ୟକ୍ଷମ କରିବାକୁ ପଡିବ ।

(ix) ୨୦୧୩ମସିହା ମାର୍ଚ୍ଚର ମାସିକ କାର୍ଯ୍ୟ ଅଗ୍ରଗତି ବିବରଣୀର ସଂକ୍ଷିପ୍ତ ସୂଚନା ଯାହା ହଜୁର ଅନଓ୍ୱର[ଅବ]ଙ୍କ ସେବାରେ ଉପସ୍ଥାପନ କରାଯାଇଥିଲା, ସେଥିରେ ଏହା ଉଲ୍ଲେଖ କରାଯାଇ ଥିଲା ଯେ ଭାରତବର୍ଷର ସମୁଦାୟ ୧୨୪୨ ଜମାଅତ ମଧ୍ୟରୁ ମାତ୍ର ୩୯୫ଟି ଜମାଅତ ପକ୍ଷରୁ ମାସିକ କାର୍ଯ୍ୟ କୁଶଳତା ବିବରଣୀ ମିଳିଥିଲା । ଏହାର ପ୍ରତିକ୍ରିୟାରେ ହଜୁର[ଅବ]ଙ୍କର ଏହିପରି ନିର୍ଦ୍ଦେଶ ମୁଖ୍ୟ ଶାସନ ସଚିବ, କାଦିୟାନଙ୍କୁ ପ୍ରାପ୍ତ ହୋଇଥିଲା:

"ସମସ୍ତ ଅମିର / ସଦର ଜମାଅତଙ୍କର ଫାଇଲ ତିଆରି କରନ୍ତୁ । ଯେଉଁ ସଦର କିମ୍ବା ଅମରଙ୍କ ତରଫରୁ ସ୍ମରଣ କରାଇବା ସତ୍ତ୍ୱେ କୌଣସି ରିପୋର୍ଟ ପ୍ରାପ୍ତ ହୋଇନାହିଁ ଅଥବା ସେମାନେ ଏଥି ସମ୍ବନ୍ଧରେ କୌଣସି ସ୍ପଷ୍ଟିକରଣ ଦେଇ ନ ଥିବେ କିମ୍ବା କେନ୍ଦ୍ର ଅନୁଧ୍ୟାନ କମିଟି ପଠାଉଥିବା ପତ୍ରର କୌଣସି ଉତ୍ତର ପଠା ଯାଉ ନଥିବ, ତା' ହେଲେ ସେହି ସଦର ବା ଅମିରଙ୍କ ମାମଲା ଭବିଷ୍ୟତକୁ ମରକଜି ଇନ୍ତେଖାବ୍ କମିଟି (କେନ୍ଦ୍ରୀୟ ନିର୍ବାଚନ ପରିଷଦ)କୁ ଅଣାଯାଉ । ସେହି କମିଟି ସଂପୃକ୍ତ ସଦର ବା ଅମିରଙ୍କୁ ପରିବର୍ତ୍ତନ କରିବା ପାଇଁ ସବୁ ପ୍ରକାର ଯାଞ୍ଚ କରି ନିଜର ଚୂଡାନ୍ତ ରିପୋର୍ଟ ମୋର ଅନୁମୋଦନ ହାସଲ ପାଇଁ ଏଠାକୁ ପଠାନ୍ତୁ । ମୋର ସ୍ୱୀକୃତି ମିଳିବା ପରେ ସଂପୃକ୍ତ ସଦର ବା

ଅମିରଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସଦର ବା ଅମିର ଭାବରେ ନିଯୁକ୍ତି ଦେବା ପରେ ବିଧିବଦ୍ଧ ଉପାୟରେ ପଦକ୍ଷେପ ଗ୍ରହଣ କରାଯିବ।

କାର୍ଯ୍ୟରେ ଏପରି ଅବହେଳା ପ୍ରଦର୍ଶନ କରୁଥିବା ସମସ୍ତ ସଦର / ଅମିରଙ୍କୁ ବିଶେଷ ଭାବରେ ଧ୍ୟାନ ଆକର୍ଷିତ କରାଯାଉ ଯେ ଆଗାମୀ ଦିନରେ ଏହି ନିର୍ଦ୍ଦେଶ କଡାକଡି ଭାବେ ଲାଗୁ କରାଯିବ। ଆପଣମାନେ ନିଜର ଦାୟିତ୍ୱ ନିର୍ବାହ କରନ୍ତୁ ଏବଂ ନିଜ ଜମାଅତର ମାସିକ ରିପୋର୍ଟ ଯଥା ସମୟରେ ସଙ୍ଗେ ସଙ୍ଗେ ମରକଜ୍‌କୁ ପଠାନ୍ତୁ। ଅନ୍ୟଥା ଆପଣଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗକୁ ଭିତ୍ତିକରି ଏହି ନିର୍ଦ୍ଦେଶ ଆଧାରରେ ନିୟମ କାର୍ଯ୍ୟକାରୀ କରିବା ଅନିବାର୍ଯ୍ୟ ହୋଇପଡ଼ିବ। ପଦବୀକୁ ନେଇ ବସି ରହିବା ବଡ଼ କଥା ନୁହେଁ ବରଂ ସେହି ଦାୟିତ୍ୱର ବୋଝକୁ ଦକ୍ଷତାର ସହିତ ସମ୍ଭାଳିବା ହେଉଛି ଅସଲ କାମ।" **(ଦ୍ରଷ୍ଟବ୍ୟ: 7196/04.05.2013, QND)**

# ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

❖ ସମସ୍ତ ସେକ୍ରେଟାରୀମାନଙ୍କ ପାଇଁ ଏହା ଅନିବାର୍ଯ୍ୟ ଯେ ସେମାନେ ନିଜ କର୍ମ ପରିସର ମଧ୍ୟରେ ରହି ସ୍ଥାନୀୟ ଅମୀର ଏବଂ ସଦରମାନଙ୍କ ସହିତ ପରାମର୍ଶ କରି କାର୍ଯ୍ୟ କରିବେ । ପ୍ରତ୍ୟେକ ମାସରେ ନିଜ ନିଜର କାର୍ଯ୍ୟବାହୀ ରିପୋର୍ଟ ସ୍ଥାନୀୟ ଅମୀର/ସଦରଙ୍କୁ ଦେବେ ଏବଂ ତାର ଏକକିତା ନକଲ ମରକଜସ୍ଥିତ ସମ୍ପୃକ୍ତ ବିଭାଗକୁ ମଧ୍ୟ ପ୍ରେରଣ କରିବେ । ସେକ୍ରେଟାରୀ ମାଆଲ୍ ଯେପରି ସଫଳତାର ସହିତ ନିଜ କାର୍ଯ୍ୟ ସ୍ଥାନୀୟ ଜମାଅତରେ ନିର୍ବାହ କରିଥାଆନ୍ତି, ଠିକ୍ ସେହିପରି ଅନ୍ୟାନ୍ୟ ସେକ୍ରେଟାରୀମାନେ ମଧ୍ୟ ନିଜ ନିଜର ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ସକ୍ରିୟ ଭାବେ କାର୍ଯ୍ୟ କରିବେ । ଅନ୍ୟଥା କେବଳ ପଦପଦବୀ ନେଇ ବସି ରହିବାର ଅର୍ଥ ହେଉଛି ପଦ ପ୍ରତି ଅସମ୍ମାନ । ଅଲ୍ଲାଃ ସମସ୍ତ କର୍ମକର୍ତ୍ତା ପଦାଧିକାରୀମାନଙ୍କୁ ଏଭଳି ମର୍ଯ୍ୟାଦା ହାନୀରୁ ରକ୍ଷା କରନ୍ତୁ । (ଆମିନ୍)

❖ ସ୍ଥାନୀୟ ଜମାଅତରେ ମରକଜ୍‌ରୁ ନାଜର (ସଚିବ ସ୍ତରୀୟ ପଦାଧିକାରୀ) ତଥା ଅନ୍ୟାନ୍ୟ ପ୍ରତିନିଧିମାନଙ୍କ ଗସ୍ତ ସମୟରେ ମଜଲିସ୍ ଆମିଲାର ବୈଠକ ଆୟୋଜନ କରିବା ଜରୁରୀ । କାରଣ ଏହା ହଜରତ୍ ଖଲିଫତୁଲ୍ ମସିହ ପଞ୍ଚମ[ଅବ]ଙ୍କ ନିର୍ଦ୍ଦେଶ । ଏବଂ ଏହି ବୈଠକରେ କେନ୍ଦ୍ରରୁ ଆସିଥିବା ଅଫିସରମାନେ ସ୍ଥାନୀୟ ଜମାଅତ କାର୍ଯ୍ୟର ସମୀକ୍ଷା କରିବା ଉଚିତ । ଏହାର ସମସ୍ତ ଆୟୋଜନ ସ୍ଥାନୀୟ ନେତୃବୃନ୍ଦଙ୍କ ମାଧ୍ୟମରେ ହେବା ଉଚିତ । ଏବଂ ନଜାରତ୍ ଉଲିୟା (ଜମାଅତର ମୁଖ୍ୟ ପ୍ରଶାସନ ନିର୍ଦ୍ଦେଶାଳୟ)ଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମ ଯାହାକୁ କେନ୍ଦ୍ରରୁ ଆସିଥିବା ପଦାଧିକାରୀମାନେ ନିଜ ସହିତ ଆଣି ଥାଆନ୍ତି, ତହିଁରେ ଆବଶ୍ୟକୀୟ ତଥ୍ୟ ପୂରଣ କରି କାର୍ଯ୍ୟ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବେ, ଯାହା ଅନୁସାରେ କାର୍ଯ୍ୟକ୍ରମ ପରିଚାଳିତ ହେବା ଉଚିତ ।

**ନାଜର ଆ'ଲା, କାଦିୟାନ**
(ମୁଖ୍ୟ ପ୍ରଶାସନ ନିର୍ଦ୍ଦେଶକ)